# ବ୍ରାହ୍ମଣୀରେ ଦ୍ୱିତୀୟ ଇନ୍‌ଟେକ୍ ୱେଲ୍ ନିର୍ମାଣ ହେବ

■ ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ଆବେଦନ
■ ବ୍ରାହ୍ମଣୀ, ଖରସ୍ରୋତା ନଦୀ ଶୁଖିଯିବା ଆଶଙ୍କା




ଶୁଖିଲା ପଡ଼ିଛି ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ।

**ଯାଜପୁର,୨୭।୨(ହର୍ଷବର୍ଦ୍ଧନ ବେହେରା):**

କୃଷି ପାଇଁ ଜଳସେଚନ ହେଉ କି ନ ହେଉ ଶିଳ୍ପକୁ ଜଳଯୋଗାଣ ନିଶ୍ଚିତ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି । ଏହି କ୍ରମରେ ଇଡ୍‌କୋ ପକ୍ଷରୁ ୧୯୯୯ରୁ ବ୍ରାହ୍ମଣୀ ନଦୀର ପଙ୍କପାଳ ନିକଟରେ ଏକ ଇନ୍‌ଟେକ୍‌ୱେଲ ମାଧ୍ୟମରେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଦୈନିକ ୮ କ୍ୟୁସେକ ନଦୀ ଜଳ ଯୋଗାଣ ହୋଇ ଆସୁଛି। ଏହାବାଦ୍ ବ୍ରାହ୍ମଣୀ ନଦୀରେ ପୁଣି ଇଡ୍‌କୋ ପକ୍ଷରୁ ଦ୍ୱିତୀୟ ଇନ୍‌ଟେକ୍ ୱେଲ ନିର୍ମାଣ କରିବାକୁ ଯୋଜନା ହୋଇଛି। ଏଥିପାଇଁ ଇଡ୍‌କୋର ଡିଭିଜନାଲ ହେଡ୍ ସ୍ମରଣ ଶଙ୍କର ମିଶ୍ର ୧୩।୨।୨୦୨୫ରେ ଜଙ୍ଗଲ ଜମି କିସମ ପରିବର୍ତ୍ତନ କରିବାକୁ ଇଡ୍‌କୋର ଚିଫ୍ ଜେନେରାଲ ମ୍ୟାନେଜର(ଜମି)ଙ୍କୁ ପତ୍ର ଲେଖିଛନ୍ତି। ପୂର୍ବରୁ ବ୍ରାହ୍ମଣୀ ଏବଂ ଏହାର ଶାଖା ନଦୀଗୁଡିକ ବର୍ଷାଋତୁ ବ୍ୟତୀତ ଅନ୍ୟ ସମୟରେ ଶୁଖିଲା ରହୁଥିବାବେଳେ ଦ୍ୱିତୀୟ ଇନ୍‌ଟେକ ୱେଲ ନିର୍ମାଣ ନଦୀଜଳ ପ୍ରବାହକୁ ଆହୁରି ପ୍ରଭାବିତ କରିବ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

ଶିଳ୍ପକୁ ଜଳଯୋଗାଣ ନେଇ ଇଡ୍‌କୋ ଏବଂ ଶିଳ୍ପ ସଂସ୍ଥାଗୁଡିକର ଅନେକ ବେନିୟମ କାର୍ଯ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି । କେତେକ ଘଟଣାରେ ଶିଳ୍ପ ସଂସ୍ଥାଗୁଡିକର ଏହି ବେନିୟମ କାର୍ଯ୍ୟ ରାଜ୍ୟ ସରକାରଙ୍କୁ ଅପଦସ୍ଥ କରିଛି। ନଦୀଜଳକୁ ଇଡ୍‌କୋ ବିଭିନ୍ନ ଉପାୟରେ ଲୁଟ କରି ଆସୁଥିଲେ ହେଁ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି । ବରଂ ୨୦୧୫ ଅଗଷ୍ଟରେ ଇଡ୍‌କୋକୁ ରାଜ୍ୟ ସରକାର ଅଯାଚିତ ଦାନ ସ୍ୱରୂପ ୫୬ କୋଟି ୪ ଲକ୍ଷ ଟଙ୍କା ଜଳକର ବାବଦକୁ ଛାଡ କରିଥିଲେ। ଏଥିରୁ ଚାଷୀଙ୍କ ପ୍ରତି ବୈମାତୃକ ମନୋଭାବ ଜଳଜଳ ହୋଇ ଦିଶୁଛି । ରାଜ୍ୟରେ ଉତ୍ପାଦିତ ହେଉଥିବା ମୋଟ ପନିପରିବା ମଧ୍ୟରୁ କେବଳ ଯାଜପୁର ଜିଲାର ବ୍ରାହ୍ମଣୀ ନଦୀକୂଳରେ ୪୦ ଭାଗ ଚାଷ ହୋଇଥାଏ । ମରୁଡ଼ି ହେଲେ ଧାନ ସହ ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ । ଏହି ନଦୀଗର୍ଭରେ ଗତ ପ୍ରାୟ ୫ ବର୍ଷ ହେବ ୧୨ଟି ପାର୍ବତୀଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। ହେଲେ ଖରିଫ ବ୍ୟତୀତ ଜରୁରୀ ସମୟରେ ଏହି ପ୍ରକଳ୍ପ ମାଧ୍ୟମରେ ଚାଷୀ ଜମିକୁ ଆଦୌ ଜଳସେଚନ ହୋଇ ପାରୁନାହିଁ। ସମଗ୍ର ଯାଜପୁର ଜିଲାରେ ବ୍ରାହ୍ମଣୀ, ବୈତରଣୀ, ବୁଢା, ଖରସ୍ରୋତା ବିରୂପା, କେଲୁଅ ନଦୀ ପ୍ରବାହିତ ହେଉଛି। ଆବଶ୍ୟକ ସରକାରୀ ପଦକ୍ଷେପ ଓ ଯୋଜନା ଅଭାବରୁ ଜିଲାରେ ବନ୍ୟା କ୍ଷୟକ୍ଷତି ଓ ଖରାଦିନେ କୃଷି ଜଳର ଅଭାବ ଯୋଗୁ ସବୁଜ ବିପ୍ଲବ ସମ୍ଭବ ହୋଇପ୍ରପାରୁ ନାହିଁ। ବ୍ରାହ୍ମଣୀ ନଦୀକୁ ମୁଖ୍ୟତଃ ଚିରସ୍ରୋତା କରାଯିବା ପାଇଁ ୧୯୫୬ରୁ ଦାବି ହୋଇ ଆସୁଥିଲେ ହେଁ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଜିଲାର ଏହି ମୁଖ୍ୟ ସମସ୍ୟାର ନିରାକରଣ କରାଯାଇ ପାରୁନାହିଁ। ବନ୍ୟା ନିୟନ୍ତ୍ରଣ ପାଇଁ ସମନ୍ୱିତ ନଦୀ ସଂଯୋଗୀକରଣ ଅଧାପନ୍ତରିଆ ହୋଇ ପଡିରହିଛି। ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ସରକାରଙ୍କୁ ପ୍ରସ୍ତାବ ଦିଆଯାଉଛି। ବନ୍ୟା ସମୟରେ ଅନ୍ୟୁନ ୨୪ଟି ଫୁଙ୍କାର କରାଯାଇ କୃଷି ଉପଯୋଗୀ ଜମିକୁ ଉର୍ବର କରାଯାଇ ପାରନ୍ତା। ସେହିଭଳି ନଦୀ ଉପତ୍ୟକା ଅଞ୍ଚଳକୁ ଅନ୍ୟୁନ ୨୨ ନାଳ ଦ୍ୱାରା ସଂଯୋଗୀକରଣ କରାଗଲେ ବନ୍ୟାର ପ୍ରକୋପକୁ ଜିଲାରେ ହ୍ରାସ କରାଯାଇପାରନ୍ତା । ବର୍ଷା ଓ ବନ୍ୟା ସମୟର ପାଣି ସମୁଦ୍ରକୁ ବୋହି ଯାଉଥିବାରୁ ଖରସ୍ରୋତା, ବୁଢା, ବ୍ରାହ୍ମଣୀ, ବୈତରଣୀ ନଦୀର ତଳମୁଣ୍ଡରେ ଅନ୍ତତଃ ୪ଟି ଲେଖାଁଏ ଚେକ୍‌ଡ୍ୟାମ ନିର୍ମାଣ କରି ଜଳ ସଂରକ୍ଷଣ କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଅଛି। କିନ୍ତୁ ଏହି ଜିଲାରେ ସେପରି ଯୋଜନା ପ୍ରସ୍ତୁତ ହୋଇ ପାରିନାହିଁ । ବରଂ ଶିଳ୍ପକୁ ଜଳଯୋଗାଣ କରିବାକୁ ସରକାର ଆଗଭର ବୋଲି ଅଭିଯୋଗ ହେଉଛି।

ଜେନାପୁରଠାରୁ ବ୍ରାହ୍ମଣୀ ନଦୀରୁ ବାହାରିଥିବା ଖରସ୍ରୋତା ନଦୀର ମୁହାଣ ଟିକରପଡାଠାରେ ପୋତି ହୋଇପଡିଛି। ଫଳରେ ତଳମୁଣ୍ଡକୁ ପାଣି ଆସିପାରୁନାହିଁ। ଦିନଥିଲା ଏହି ନଦୀର ପାଣି ଉପରେ ୧୮୦ ଖଣ୍ଡ ଗ୍ରାମବାସୀଙ୍କ ଜୀବନ ଜୀବିକା ନିର୍ଭର କରୁଥିଲା। ୮୦ ଭାଗ ଜମି ଜଳସେଚିତ ହୋଇ ପାରୁଥିଲା ବେଳେ ମଧୁର ମାଛ ଉତ୍ପାଦିତ ହେଉଥିଲା। କିନ୍ତୁ ଏବେ ପାଣି ଅଭାବରୁ ଜିଲାର କୃଷିକ୍ଷେତ୍ର ଅବହେଳିତ। ବହୁବିଧ ଫସଲ ଲୋପପାଇଛି। ଜିଲାବାସୀଙ୍କ ପକ୍ଷରୁ ହରେକୃଷ୍ଣ ପଣ୍ଡା ଓ ସ୍ଥାନୀୟ ସରପଞ୍ଚ ଅଟଳ ବିହାରୀ ନାୟକ, ଗୋବିନ୍ଦ ସାମଲ, ସଇଫୁର ରହେମାନ ପ୍ରମୁଖଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ରରେ ଦର୍ଶାଯାଇଛି ବ୍ରାହ୍ମଣୀ ଏବଂ ଏହାର ଶାଖାନଦୀଗୁଡିକ କ୍ରମଶଃ ଶୁଖି ଯାଉଛି। ଏଥିପ୍ରତି ସରକାର ଧ୍ୟାନ ନ ଦେଲେ ଆଗାମୀ ଦିନରେ ନଦୀପରିଚର୍ଯ୍ୟା କେବଳ ଇତିହାସ ହୋଇ ରହିଯିବ। ତେଣୁ କାଳବିଳମ୍ବ ନ କରି ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି।

# ଚୋରି ଅଭିଯୋଗରେ ୨ ଗିରଫ

**ଝୁମ୍ପୁରୀ,୨୭।୨(ସରୋଜ ନାୟକ):**

ଦଶରଥପୁର ବ୍ଲକ୍ ଜାଫରପୁର ପଞ୍ଚାୟତ ଚାଉଳିଆ ଗ୍ରାମରେ ବୁଧବାର ରାତିରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଚୋରି କରିଥିବା ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖରଖରି ଗ୍ରାମର ସୁକାନ୍ତ ଜେନା ଓ ଚାଉଳିଆ ଗ୍ରାମର ଅକ୍ଷୟ ଜେନା। ଅଭିଯୋଗ ଅନୁଯାୟୀ, ଗ୍ରାମର ଯଯାତି ଜେନାଙ୍କ ପରିବାର ଶୋଇଥିବାବେଳେ ଘରର ଜଣେ ମହିଳା ବାହାରକୁ ଯାଇଥିଲେ। ଏହି ସମୟରେ ହଠାତ୍ ୨ ଯୁବକ ଚୋରି ଉଦ୍ଦେଶ୍ୟରେ ତାଙ୍କ ଘରେ ପଶିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ଯଯାତି ଉଠିପଡ଼ି ଜଣକୁ କାବୁ କରିଥିବାବେଳେ ଅନ୍ୟଜଣେ ଖସି ପଳାଇଥିଲେ। ଗ୍ରାମବାସୀ କାବୁ ହୋଇଥିବା ବ୍ୟକ୍ତିଙ୍କୁ ଅଟକ ରଖି ମଙ୍ଗଳପୁର ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ଅଟକ ବ୍ୟକ୍ତିଙ୍କୁ ଥାନାକୁ ଆଣିଥିଲା। ପରେ ଏହି ଚୋରିରେ ସମ୍ପୃକ୍ତ ଅନ୍ୟଜଣଙ୍କୁ ମଧ୍ୟ ଧରିଥିଲା। ଏନେଇ ଥାନାରେ ନଂ.୫୩/୨୫ରେ ମାମଲା ରୁଜୁ ହୋଇଛି ବୋଲି ଏସ୍‌ଆଇ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି।

# ଦୋକାନ ଉପରକୁ ଓଲଟିଲା ଟ୍ରକ୍

**ପାଣିକୋଇଲି,୨୭।୨ (ବିକାଶ ମଲ୍ଲିକ):**



ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ମଣିପୁର ନିକଟରେ ଏକ ଟ୍ରକ ଘନ କୁହୁଡ଼ି ଯୋଗୁ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇ ରାଜପଥର ବାମ ପାର୍ଶ୍ୱରେ ଥିବା ଏକ ଦୋକାନ ଉପରେ ଓଲଟି ପଡ଼ିଛି। ଫଳରେ ଟ୍ରକ ଚାପାରେ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଗାଡ଼ି ଚାଳକ କିମ୍ବା ଦୋକାନ ମାଲିକଙ୍କ କିଛି କ୍ଷତି ହୋଇନାହିଁ। ଟ୍ରକ୍ ବାଲେଶ୍ୱରରୁ ପ୍ଲାଇ ନେଇ କଟକ ଯାଉଥିବା ଜଣାପଡ଼ିଛି। ପାଣିକୋଇଲି ପୋଲିସ ଟ୍ରକ୍‌କୁ ଅଟକାଇ ତଦନ୍ତ ଚଳାଇଛି।

# ବ୍ୟବହାର ହେଉ ନ ଥିବା ଡାଇଭର୍ସନ ବନ୍ଦ ହେବ

**ପାଣିକୋଇଲି,୨୭।୨(ବିକାଶ ମଲ୍ଲିକ):**

୧୬ ନମ୍ବର ଜାତୀୟ ରାଜପଥରେ ତ୍ରୁଟିପୂର୍ଣ୍ଣ ଅସ୍ଥାୟୀ ଡାଇଭର୍ସନ ଯୋଗୁ ବହୁ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ କ୍ଷତିଗ୍ରସ୍ତ ହେଉଛି। ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ପରେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ରାଜପଥ କର୍ତ୍ତୃପକ୍ଷଙ୍କୁ ନେଇ ବ୍ରଜନଗରଠାରୁ ସାହାପୁର ପର୍ଯ୍ୟନ୍ତ ଅସ୍ଥାୟୀ ଡାଇଭର୍ସନ ସ୍ଥଳ ପରିଦର୍ଶନ କରିଛନ୍ତି। ଯେଉଁ ଡାଇଭର୍ସନଗୁଡ଼ିକ ବ୍ୟବହାର ହେଉନାହିଁ ସେଗୁଡ଼ିକୁ ବନ୍ଦ କରିଦେବା ଲାଗି ରାଜପଥ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଏଥି ସହିତ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଥିବା ଡାଇଭର୍ସନଠାରେ ଚାଳକଙ୍କ ଅବଗତି ନିମନ୍ତେ ସତର୍କ ଆଲୋକ ଲଗାଇବା ଲାଗି କହିଛନ୍ତି।

# ଚିନ୍ମୟ ଚେତନା ଅନୁଷ୍ଠାନର ସାରସ୍ୱତ ସମାବେଶ



ଅତିଥି ଚିନ୍ମୟ ଚେତନା ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

**ଧର୍ମଶାଳା,୨୭।୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁରସ୍ଥିତ ଚିନ୍ମୟ ଚେତନା ଅନୁଷ୍ଠାନ ପକ୍ଷରୁ ୧୪ତମ ସାରସ୍ୱତ ସମାବେଶ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ପଣ୍ଡିତ କାମଦେବ ଶତପଥୀ ଓ ସମ୍ମାନିତ ଅତିଥି ଭାବେ କବି ବିଦ୍ୟୁତ୍ ଲତା ଦାସ ଯୋଗ ଦେଇ ସ୍ୱାଧୀନତା ଉପରେ ଆଲୋକପାତ କରିଥିଲେ। ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା, କବି ଅର୍ଜ୍ଜୁନ ପୃଷ୍ଟି, ପ୍ରାଧ୍ୟାପକ ତ୍ରିଲୋଚନ ରାଉତ, ସୁଚିତ୍ରା ପାଣିଗ୍ରାହୀ, ବିଜୟ କୁମାର ଦେବତା, କାହ୍ନୁଚରଣ ଦାଶ, ପ୍ରଶାନ୍ତ କୁମାର ସାହୁ, ପ୍ରଶାନ୍ତ ସ୍ୱାଇଁ, ଲୋକନାଥ ମିଶ୍ର, ମାଧୁରୀ ଶତପଥୀ, ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଚିନ୍ମୟ କଥା ସମ୍ମାନରେ ପବିତ୍ର ପାଣିଗ୍ରାହୀ, ଚିନ୍ମୟ କବିତା ସମ୍ମାନରେ ବିଦ୍ୟୁତ୍‌ଲତା ଦାସ, ଚିନ୍ମୟ ସେବା ସମ୍ମାନରେ ନିର୍ମଳ ଚନ୍ଦ୍ର ରଥ ଓ ପ୍ରିତିସ୍ନିଗ୍ଧା ସେଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଜଗବନ୍ଧୁ ଶତପଥୀ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ କବି ପଦ୍ମଜା ଶରଣ ସୂଚନା ପ୍ରଦାନ କରିଥିଲେ। ଦିବଂଗତ ଡାକ୍ତର ଚିନ୍ମୟ ଶରଣଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ପତ୍ରିକା ଚିନ୍ମୟ ଚେତନାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବି ବାମଦେବ ପାଢ଼ୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିବାବେଳେ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ବାଇକ୍‌ରୁ ଖସିପଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨୭।୨ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବଡ଼ଚଣା–ଚଣ୍ଡିଖୋଲ ମଧ୍ୟ ସ୍ଥଳରେ ଥିବା ରାଜପଥ ହୋଟେଲ ନିକଟରେ ବାଇକରୁ ଖସିପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମର ମାଧବ ବେଜ(୬୮)। ୩ ଜଣ ବ୍ୟକ୍ତି ବାଇକ୍‌ରେ କଟକରୁ ଚଣ୍ଡିଖୋଲ ଅଭିମୁଖେ ଫେରୁଥିଲେ। ଏହି ସମୟରେ କେହି ବାଇକ୍ ଆଗରେ ପଶି ଯିବାରୁ ଚାଳକ ବ୍ରେକ ମାରିଥିଲେ। ଫଳରେ ବାଇକ୍ ପଛରେ ବସିଥିବା ମାଧବ ଖସି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି।

# ଖାଲରେ ପଡ଼ି ଓଲଟିଲା କାର୍



**ପାଣିକୋଇଲି,୨୭।୨(ବିକାଶ ମଲ୍ଲିକ):**

୨୦ ନମ୍ବର ଜାତୀୟ ରାଜପଥର ଧନେଶ୍ୱର ଛକ ନିକଟରେ ରାଜପଥରେ ଥିବା ଖାଲରେ ଏକ କାର (ଓଡି୩୩ଏପି୯୮୩୧)ର ଚକ ପଡ଼ିଯିବାରୁ ତାହା ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଛି। ତେବେ ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇନାହିଁ। ଖବର ପାଇ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟ ପହଞ୍ଚି କାରରେ ଥିବା ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। କାର୍‌ଟି କେନ୍ଦୁଝରରୁ ଭୁବନେଶ୍ୱର ଯାଉଥିବା ସୂଚନା ମିଳିଛି।

# ଶୂନ୍ୟ ବ୍ରହ୍ମ ଅବିନାଶୀଙ୍କ ନାମ ସଂକୀର୍ତ୍ତନ

**ପାଣିକୋଇଲି,୨୭।୨(ବିକାଶ ମଲ୍ଲିକ):**

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ବାଲିଦାଣ୍ଡ ସାହିରେ ୨୭ତମ ଶୂନ୍ୟବ୍ରହ୍ମ ଅବିନାଶୀଙ୍କ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନାମସଙ୍କୀର୍ତ୍ତନ ମହାଶିବରାତ୍ରିଠାରୁ ଆରମ୍ଭ ହୋଇଥିଲା। କମିଟି ସଭାପତି ଶଙ୍କର୍ଷଣ ମଳିକ, ଉପସଭାପତି ଯେଗେନ୍ଦ୍ର ମଲିକ, ସମ୍ପାଦକ ରାଜକିଶୋର ମଲିକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।



ପାଣିକୋଇଲି ପଞ୍ଚାୟତ ବାଲିଦାଣ୍ଡ ସାହିରେ ସଂକୀର୍ତ୍ତନ ଅବସରରେ ପୂଜାର୍ଚ୍ଚନା ।

# ସିସିଟିଭି ସର୍ଭେଲାନ୍ସ କାର୍ଯ୍ୟ ଶୁଭାରମ୍ଭ




ସିସିଟିଭି ସର୍ଭେଲାନ୍ସ କାର୍ଯ୍ୟ ଶୁଭାରମ୍ଭରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟମାନେ ।

**ଯାଜପୁରରୋଡ୍,୨୭।୨ (ପବିତ୍ର ରଞ୍ଜନ ମହାନ୍ତି):**

ଦିନ ଦିନକୁ ଦିନ ବ୍ୟାସନଗର ସହରରେ ଚୋରି, ଡକାୟତି ଓ ହତ୍ୟାକାଣ୍ଡ ଭଳି ଅପରାଧ ବୃଦ୍ଧି ପାଇବା ସହ ଦୁର୍ଘଟଣା ଘଟୁଛି। ଅନେକ ସମୟରେ ଦୁର୍ବୃତ୍ତ ସହର ଭିତରେ ବିଭିନ୍ନ ଅପରାଧ ଘଟାଇ ପୋଲିସକୁ ଚକମା ଦେଇ ଖସିଯିବାରେ ସଫଳ ହେଉଛନ୍ତି। ଏହାକୁ ଦୃଷ୍ଟି ରଖି ଯାଜପୁରରୋଡ୍ ପୋଲିସର ଉଦ୍ୟମରେ ବ୍ୟାସନଗର ସହରର ବିଭିନ୍ନ ଛକରେ ସିସିଟିଭି ଲଗାଇବା ଉଦ୍ୟମ ଆରମ୍ଭ ହେଇଛି। ସ୍ଥାନୀୟ ଲକ୍ଷ୍ମୀ ଏଣ୍ଟରପ୍ରାଇଜେସର ପ୍ରୋପାଇଟର ରଶ୍ମିରଞ୍ଜନ ସାହୁଙ୍କ ଦ୍ୱାରା ବ୍ୟାସନଗର ସହରର ଚୋରଦା ବାଇପାସ, ନାହକା ଗୋଲେଇ ଛକ ଓ ଧବଳଗିରି ଛକରେ ସିସିଟିଭି ସର୍ଭେଲାନ୍ସ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ କୋରେଇ ବିଧାୟକ ଆକାଶ ଦାସନାୟକ ଓ ଯାଜପୁର ରୋଡ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ଆଗାମୀ ଦିନରେ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପୁରା ସହରକୁ ସିସିଟିଭି ସର୍ଭେଲାନ୍ସ ଯୋଗେଇ ଦିଆଯିବ ବୋଲି ବିଧାୟକ ଦାସନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ସହରବାସୀ ଉପସ୍ଥିତ ଥିଲେ।

# ବଢୁଛି ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତି ସଂଖ୍ୟା

**ରସୁଲପୁର,୨୭।୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଞ୍ଚଳରେ ୨୦୨୪-୨୫ ଶିକ୍ଷାବର୍ଷରେ ମାଟ୍ରିକ ଓ ମଧ୍ୟମା ପରୀକ୍ଷା ପରିଚାଳନା ପାଇଁ ୧୪ ପରୀକ୍ଷା କେନ୍ଦ୍ର କରାଯାଇଛି। ଗୁରୁବାର ତୃତୀୟ ବିଷୟ ଭାବରେ ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷାରେ ପୂର୍ବରୁ ସରିଥିବା ୨ଟି ପରୀକ୍ଷା ଅପେକ୍ଷା ଅଧିକ ୭ ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତ(ଡ୍ରପଆଉଟ୍) ରହିଥିବା ଜଣାଯାଇଛି। ଦିନକୁ ଦିନ କେନ୍ଦ୍ରରୁ ପରୀକ୍ଷାର୍ଥୀଙ୍କ ଉପସ୍ଥାନ ସଂଖ୍ୟା କମିବାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରାଯାଉଛି। ବିଶେଷକରି ଏହା ବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ପାଇଁ ତଦନ୍ତସାପେକ୍ଷ ହୋଇପଡ଼ିଛି। ତେବେ କେଉଁ କାରଣରୁ ପରୀକ୍ଷାର୍ଥୀ ଅନୁପସ୍ଥିତ ରହୁଛନ୍ତି ସେ ସମ୍ପର୍କରେ ଶିକ୍ଷା ବିଭାଗର ପାଖରେ କୌଣସି ସ୍ପଷ୍ଟ ସୂଚନା ନ ଥିବା ଜଣାଯାଇଛି।

ଚଳିତବର୍ଷ ବ୍ଲକର ୪୦ ବିଦ୍ୟାଳୟରୁ ୨,୨୬୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିଲେ। ସେଥିମଧ୍ୟରୁ ୧୪ଜଣ ପ୍ରଥମ ଦିନ ପରୀକ୍ଷାରୁ ଅନୁପସ୍ଥିତ ରହି ୨,୨୫୦ଜଣ ପରୀକ୍ଷା ଦେଇଥିଲେ। ସେହିପରି ମଧ୍ୟମା ପରୀକ୍ଷା ପାଇଁ ୪୯ଜଣ ଫର୍ମ ପୂରଣ କରିଥିବାବେଳେ ପରୀକ୍ଷା ଆରମ୍ଭରୁ ୧୦ଜଣ ଲେଖାଏ ପରୀକ୍ଷାର୍ଥୀ ଅନୁପସ୍ଥିତ ରହି ଆସୁଛନ୍ତି। ଏଠାରେ ରେଗୁଲାର ପିଲାଙ୍କ ପାଇଁ ଅନୁଷ୍ଠିତ ୩ୟ ଦିବସ ପରୀକ୍ଷାରେ ଅନୁପସ୍ଥିତଙ୍କ ସଂଖ୍ୟା ୨୧କୁ ବୃଦ୍ଧି ଘଟି କେନ୍ଦ୍ରଗୁଡିକରେ ମୋଟ ପରୀକ୍ଷାର୍ଥୀଙ୍କ ଉପସ୍ଥିତି ସଂଖ୍ୟା ୨୨୪୩କୁ ଖସି ଆସିଛି। ସବୁଠାରୁ ଅଧିକ ୧୦ ପରୀକ୍ଷାର୍ଥୀ ଖଣ୍ଡିତର ସରକାରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରୁ ଅନୁପସ୍ଥିତ ରହିଥିବା ଜଣାଯାଇଛି। ଏତେ ସଂଖ୍ୟକ ପରୀକ୍ଷାର୍ଥୀ ଅନୁପସ୍ଥିତକୁ ନେଇ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ସୁନନ୍ଦ କୁମାର ରାଉତଙ୍କ ପଚାରିବାରୁ ସେ କହିଛନ୍ତି, ବୁଢ଼ୀ ଭାଲୁଣୁଣୀ ବିଦ୍ୟାପୀଠରୁ ଅଧିକ ସଂଖ୍ୟକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ତେବେ ସେମାନେ କେଉଁ କାରଣରୁ ଅନୁପସ୍ଥିତ ଅଛନ୍ତି ତାଙ୍କ ପାଖରେ କୌଣସି ସ୍ପଷ୍ଟ ସୂଚନା ନାହିଁ।

ପ୍ରକାଶଥାଉ କି, ବୋର୍ଡ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା କାର୍ଯ୍ୟସୂଚୀ ଅନୁସାରେ ତୃତୀୟ ଦିବସ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ଅନୁସାରେ ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା୪୫ରେ ଶେଷ ହୋଇଥିଲା। ପୂର୍ବରେ ୨ ପରୀକ୍ଷା ମାତୃଭାଷା ଓ ଇଂଲିଶ ବିଷୟରେ ୧୦୦ମାର୍କ ପାଇଁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ପରୀକ୍ଷାର୍ଥୀଙ୍କୁ ୨ଘଣ୍ଟା୩୦ମିନିଟ୍ ସମୟ ପ୍ରଦାନ କରାଯାଉଥିବାବେଳେ ଗଣିତ ପରୀକ୍ଷା ପାଇଁ ବିଦ୍ୟାର୍ଥୀଙ୍କୁ ବୋର୍ଡ ପକ୍ଷରୁ ୧୫ମିନିଟ୍ ଅଧିକ ସମୟ ପ୍ରଦାନ କରାଯାଇଥିଲା। ଏହାଛଡ଼ା ନୋଡାଲ କେନ୍ଦ୍ର ଦ୍ୱାରା ରସୁଲପୁର ବ୍ଲକର ୧୪ ଓ ଯାଜପୁର ବ୍ଲକର ୪ କେନ୍ଦ୍ରକୁ ମିଶାଇ ମୋଟ ୧୮ ପରୀକ୍ଷା କେନ୍ଦ୍ରକୁ ପରିଚାଳନା କରାଯାଉଛି। ପ୍ରତ୍ୟେକ କେନ୍ଦ୍ରରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବାବେଳେ କୌଣସି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରି ଦଣ୍ଡିତ ହେବାର ଖବର ହସ୍ତଗତ ହୋଇ ନାହିଁ ବୋଲି ନୋଡାଲ କେନ୍ଦ୍ରର ଉପପରିଚାଳକ ପ୍ରକାଶ କୁମାର ପଣ୍ଡା ସୂଚନା ଦେଇଛନ୍ତି।

इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଜୟନ୍ତ କୁମାର ବେହେରା, ପିତା: କୃଷ୍ଣ ଚନ୍ଦ୍ର ବେହେରା, ୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା), ପିତା: ଭରତ ବେହେରା / ଗ୍ୟାରେଣ୍ଟିଦାତା: ଲିଲି ବେହେରା, ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିୟୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | କୃଷ୍ଣ ଚନ୍ଦ୍ର ବେହେରା, ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: |

କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

**ପୂର୍ବତନ ଜିଆର୍‌ଏସ୍‌ଙ୍କୁ ୪ ବର୍ଷ ଜେଲ**

ଡେରାବିଶ, (ବେବର୍ତ୍ତା ଅଜୟ ଦାସ): କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତର ପୂର୍ବତନ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଲଳିତ ବସନ୍ତ ଘଡେଇଙ୍କୁ ୪ ବର୍ଷ ଜେଲଦଣ୍ଡ ହୋଇଛି। କଟକସ୍ଥ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ଏହି ଦଣ୍ଡ ବୁଧବାର ଶୁଣାଇଛନ୍ତି। ପୂର୍ବତନ ଜିଆର୍‌ଏସ୍ ଏଣ୍ଡର ପଞ୍ଚାୟତର ଏକ ସିମେଣ୍ଟ କଂକ୍ରିଟ ରୋଡର ସିକ୍ୟୁରିଟି ଟଙ୍କା ଫେରସ୍ତ ପାଇଁ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗ କଟକ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ଏସ. କେ. ବେହେରାଙ୍କ ଅଭିଯୋଗକୁ ଭିତ୍ତିକରି ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଥିଲେ।



## ସଂକ୍ଷେପରେ

### ସ୍କୁଟି ନ ଦେବାରୁ ମାଟ୍ରିକ ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

**ଡେରାବିଶ,୨୭।୨(ବେବର୍ତ୍ତା ଅଜୟ ଦାସ)**

ସ୍କୁଟି ନ ଦେବାରୁ ମାଟ୍ରିକ ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଡେରାବିଶ ଥାନା ଅନ୍ତର୍ଗତ ପଳାଇ ପଞ୍ଚାୟତ ଡେରାକୁଣ୍ଡି ଗ୍ରାମର ଜୟକୃଷ୍ଣ ସ୍ୱାଇଁଙ୍କ ଏକ ମାତ୍ର ପୁତ୍ର ସତ୍ୟପ୍ରିୟ (୧୬) ସ୍ଥାନୀୟ ଡାଳିଜୀସ୍ଥିତ ବାଗଦେବୀ ସରକାରୀ ଉଚ୍ଚ ନୋଡାଲ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ର। ଜୟକୃଷ୍ଣ ଆର୍ଥିକ ଦୂରାବସ୍ଥା ଭିତରେ ଗତି କରୁଥିବାବେଳେ ପ୍ରତ୍ୟେକ ଦିନ ପୁଅକୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ପାଇଁ ଜଣେ ବନ୍ଧୁଙ୍କଠାରୁ ଏକ ସ୍କୁଟି ରଖିଥିଲେ। ମଙ୍ଗଳବାର କୌଣସି ପରୀକ୍ଷା ନ ଥିବାବେଳେ ବାପାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ସତ୍ୟପ୍ରିୟ ମା'ଙ୍କୁ ସ୍କୁଟି ଚାବି ମାଗିଥିଲେ। ତେବେ ମା' ଏଥିରେ ବାରଣ କରିବାରୁ ପରିବାର ଲୋକଙ୍କ ଅଜ୍ଞାତରେ ଛାତ୍ର ଜଣଙ୍କ ଘର ଭିତରେ ପଶି ଭିତରପଟୁ କବାଟ କିଳି ସହ ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଘରର ଜଣେ ଝିଅ ଅତି ସାହସିକତାର ପରିଚୟ ଦେଇ ଘରର କବାଟ ଭାଙ୍ଗି ବେକରେ ଲାଗିଥିବା ରଶିକୁ କାଟି ସତ୍ୟପ୍ରିୟଙ୍କୁ ତଳକୁ ଓହ୍ଲାଇଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସତ୍ୟପ୍ରିୟଙ୍କୁ ନିଆଯାଇଥିଲା।

### ଚେନ୍ନାଇରେ ଭାରତ ଭାରତୀ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ

**ପଟ୍ଟାମୁଣ୍ଡାଇ, ୨୭।୨ (କଳ୍ପତରୁ ନାୟକ)**

ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟକୁ ଜାତୀୟ ସ୍ତରରେ ପରିଚିତ କରିବା ଉଦ୍ଦେଶ୍ୟ ନେଇ ଚେନ୍ନାଇସ୍ଥିତ ପ୍ରବାସୀ ଓଡ଼ିଆ ଭାରତ ଭାରତୀ ସଂଗଠନ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରବାସୀ ଓଡ଼ିଆ ପରିବାରକୁ ନେଇ ଆୟୋଜିତ ସମ୍ମିଳନୀର ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଶାର କୁନିକୁନି ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭାରତର ଅନେକ ରାଜ୍ୟର ପ୍ରବାସୀ ଏହି ଉତ୍ସବରେ ଯୋଗଦେଇ ନିଜ ମାତୃଭାଷାର ପ୍ରତିନିଧିତ୍ୱ କରିଥିଲେ। ସେମାନେ ଓଡ଼ିଶାର କଳା ଓ ସଂସ୍କୃତିର ଅନେକ ପ୍ରଶଂସା କରିବା ସହ ପ୍ରତିନିଧିମାନଙ୍କୁ ସାଧୁବାଦ ଜଣାଇଥିଲେ। ଏଥିରେ ଓଡ଼ିଶାର ଗାୟତ୍ରୀ ଭୂପତି, ତମସା ରାଉତ, ପ୍ରଫେସର ନଳିନୀ କାନ୍ତ ମହାନ୍ତି, ଶିବଶଙ୍କର ନାୟକ, ନିଲୁ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବାବେଳେ ଚେନାଇରେ ରହୁଥିବା ପ୍ରବାସୀ ଓଡ଼ିଆମାନେ ଅଂଶଗ୍ରହଣ କରିଥିଲେ।

### କୁଞ୍ଜବିହାରୀ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୁଜଙ୍ଗ,୨୭।୨(ମନୋଜ ପ୍ରଧାନ)**

ଏରସମା ବ୍ଲକ ଗଡ଼କୁଜଙ୍ଗର ପ୍ରସିଦ୍ଧ କୁଞ୍ଜବିହାରୀ ଜଗନ୍ନାଥ ମହାପ୍ରଭୁଙ୍କ ୧୭ତମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ୪ଦିନ ଯଜ୍ଞ ହୋଇଥିଲା। ପ୍ରଥମେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଅଗ୍ନି ସ୍ଥାପନ, କାଶୀ ବିଶ୍ୱନାଥ ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଛି। ଏଥିରେ ଭକ୍ତଙ୍କ ସମାଗମ ସହ ବିଭିନ୍ନ ଅଞ୍ଚଳର ସଙ୍କୀର୍ତ୍ତନ ଦଳ ଯୋଗଦେଇଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ଭଜନ ପରିବେଷଣ କରାଯାଉଥିଲା। ଶ୍ରୀ କୁଞ୍ଜବିହାରୀ ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ରାଜେନ୍ଦ୍ର ବେହେରା, ସମ୍ପାଦକ ପୀତାମ୍ବର ରାଉତ, ବିଷ୍ଣୁ ପ୍ରଧାନ, ଯଦୁନାଥ ଖଟୁଆ, ସମ୍ପଦ ବାରିକ, ବିଜୟ ଚାନ୍ଦ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାକୁ ଗୁରୁତ୍ୱ




ବୈଠକରେ ବିଧାୟକ ଅରବିନ୍ଦ ମହାପାତ୍ର, ନେତା ଓ ପ୍ରଶାସନିକ ଅଧିକାରୀ।

**ଡେରାବିଶ, ୨୭।୨ (ବେବର୍ତ୍ତା ଅଜୟ ଦାସ)**

## ଡେରାବିଶ ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ଅଧିବେଶନ

ଡେରାବିଶ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ସଭାପତିତ୍ୱ କରିଥିବା ବେଳେ ଏଥିରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ପ୍ରକଳ୍ପ ଅନୁମୋଦନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ପ୍ରାରମ୍ଭରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ନନ୍ଦିନୀ ଶତପଥୀ ପର୍ବ ବୈଠକର ବିବରଣୀ ପଠନ ସହ ଦୃଢ଼ିକରଣର ପ୍ରସ୍ତାବ ଦେଇଥିଲେ। ପରେ ବିଡିଓ ନମିତା ବାରିକ ବୈଠକର କାର୍ଯ୍ୟସୂଚୀ ବାବଦରେ ଗୃହକୁ ଜଣାଇବା ସହ ଏହି ସ୍ୱତନ୍ତ୍ର ବୈଠକର ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ସରକାରଙ୍କ ନୂତନ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ୩ କୋଟି ୫୧ଲକ୍ଷ ୩ ହଜାର ୬ ଶହ ୧୦ଟଙ୍କା ମଞ୍ଜୁର କରାଯାଇଛି। ଏଥିପାଇଁ ସମସ୍ତ ପଞ୍ଚାୟତରେ ଗ୍ରାମସଭା କରାଯାଇ ମଞ୍ଜୁର ଅର୍ଥରାଶିଠାରୁ ଅଢ଼େଇ ଗୁଣ ଅଧିକ ଟଙ୍କାର ପ୍ରକଳ୍ପ ଚିଠା ତାଲିକା ପ୍ରସ୍ତୁତ କରି ବ୍ଲକ ପ୍ରଶାସନ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇ ସାରିଥିବା କହିଥିଲେ। କେତେକ ପଞ୍ଚାୟତ ନିର୍ଦ୍ଦେଶ ଅନୁଯାୟୀ, ପ୍ରକଳ୍ପ ଚିଠା ତାଲିକା ଦାଖଲ କରି ସାରିଥିବାବେଳେ ଅନ୍ୟ ପଞ୍ଚାୟତ ୨ଦିନ ମଧ୍ୟରେ ଚିଠା ତାଲିକା ବ୍ଲକ ପ୍ରଶାସନ ନିକଟରେ ଦାଖଲ କରିବାକୁ ଆହ୍ୱାନ କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ସରକାରଙ୍କ ନୂତନ ଯୋଜନା ଯେପରି ନିୟମ ଅନୁଯାୟୀ ଠିକ୍ ଭାବେ କାର୍ଯ୍ୟକାରି ହୋଇ ଲୋକମାନଙ୍କ ସ୍ୱାର୍ଥ ସାଧନରେ ଲାଗି ପାରିବ ସେଦିଗରେ ସମସ୍ତେ ଦୃଷ୍ଟି ଦେବାକୁ ତାଗିଦ କରିଥିଲେ। ଏଥିସହ ସରକାରଙ୍କ ସମସ୍ତ ଜନହିତକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ଡେରାବିଶ ବ୍ଲକ ପ୍ରଶାସନ ସମସ୍ତଙ୍କ ପାଇଁ ଉଦାହରଣ ପାଲଟୁ ସେଥିପାଇଁ ସମସ୍ତ ଅଧିକାରୀ, କର୍ମଚାରୀ ନିର୍ବାଚିତ ପ୍ରତିନିଧି ଓ ବ୍ଲକ ଅଞ୍ଚଳବାସୀ ସହଯୋଗ ନେଇ କାର୍ଯ୍ୟ କରନ୍ତୁ। ଅଞ୍ଚଳର ଉନ୍ନତି ଓ ବିକାଶରେ ସମସ୍ତେ ଭାଗିଦାରୀ ହେବା ନେଇ ବିଧାୟକ ମହାପାତ୍ର ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଅକ୍ଷୟ କୁମାର ତ୍ରିପାଠୀ, ଏବିଡିଓ ଅନିରୁଦ୍ଧ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌରବ କୁମାର ସାହୁ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପାନୀୟ ଜଳ ବିଭାଗ ଉପରେ ହୋଇଥିବା ଆଲୋଚନାରେ ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡେରାବିଶ ବ୍ଲକ ଅଞ୍ଚଳରେ ପାନୀୟ ଜଳ ସମସ୍ୟାର ଦୂରିକରଣ ପାଇଁ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବାରିମୂଳ ପଞ୍ଚାୟତର ସମିତିସଭ୍ୟ ସରୋଜକାନ୍ତ ସାହୁ, ସରପଞ୍ଚ ମଧୁସ୍ମିତା ଦାସ, ବିଳାସିନୀ ସେଠୀ, କଳ୍ପନା ବେହେରା, ରଜନୀ ମଲିକ, ମାନସୀ ସାମଲ, ମମତା ରାଉତ, ସମିତିସଭ୍ୟ ସସ୍ମିତା ବଳ,, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ହରପ୍ରିୟା ଦେବୀ, ବିଇଓ ଶ୍ରୀକାନ୍ତ ବେହେରା, ଛତା ସେକସନର ସହକାରୀ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ରାୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଶୈଳେନ୍ଦ୍ର ବିଶ୍ୱାଳ, ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ରୁଦ୍ରନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ରହି ସଦସ୍ୟଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

# ଗାଡ଼ି ଦେବା ନାଁରେ ୧.୪ ଲକ୍ଷ ଠକେଇ ଅଭିଯୋଗ

**ଜଗତ୍‌ସିଂହପୁର, ୨୭।୨ (ପ୍ରମୋଦ କୁମାର ନାୟକ)**

## ମାଗିବାରୁ ହତ୍ୟା ଧମକ

ଜଗତ୍‌ସିଂହପୁର ଥାନା ଅରଣା ଗ୍ରାମରେ ଗାଡିଦେବା ନାଁରେ ୧.୪ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମର ଜିତେନ୍ଦ୍ର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏଥିରେ ତାଙ୍କ ସମ୍ପର୍କୀୟ ଭଣଜା ତଥା ନାଉଗାଁ ବ୍ଲକ ଗଳଧାରୀ ଗ୍ରାମର ଜନ୍ମୋଦୟ ସାହୁ (ସୋନୁ)ଙ୍କ ହାତ ରହିଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ଜଗତ୍‌ସିଂହପୁର ଥାନା ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଜିତେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ସୋନୁ ୨୧ ଜୁଲାଇ ୨୦୨୪ରେ ଏକ ୪ ଚକିଆ ଗାଡି ଦେଖାଇ କିଣିବା ପାଇଁ ପ୍ରସ୍ତାବ ଦେଇଥିଲେ। ସେ ଉକ୍ତ ଗାଡ଼ି କିଣିବା ପାଇଁ ରାଜି ହେବାରୁ ସୋନୁ ୧.୪ ଲକ୍ଷ ଟଙ୍କା ଅଗ୍ରିମ ମାଗିଥିଲେ। ଏନେଇ ଜିତେନ୍ଦ୍ର ସେତେବେଳେ ଫୋନ ପେ ମାଧ୍ୟମରେ ୧୪ ହଜାର ଓ ଅବଶିଷ୍ଟ ଟଙ୍କା ନଗଦ ଆକାରରେ ଦେଇଥିଲେ। ଏହି ଟଙ୍କା ଦେବାନେବା ବେଳେ ତାଙ୍କ ବାପା ଗଡେଶ୍ୱର ସାହୁ ଓ ଅରଣା ଗ୍ରାମର ଉମାକାନ୍ତ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ ବୋଲି ଜିତେନ୍ଦ୍ର ଉଲ୍ଲେଖ କରିଛନ୍ତି। ସୋନୁ ଟଙ୍କା ନେବା ପରେ ୪ ମାସ ଯାଏ ଗାଡି ଦେବେ ବୋଲି କହି ସମୟ ଗଡ଼ାଇ ଚାଲିଥିଲେ। ପରବର୍ତ୍ତୀ ସମୟରେ ହୋଇପାରୁନାହିଁ, ଟଙ୍କା ଫେରାଇଦେବେ ବୋଲି କହିଥିଲେ। କିନ୍ତୁ ତା'ପରେ ଧରାଛୁଆଁ ଦେଲେ ନାହିଁ। ସେ ବର୍ତ୍ତମାନ ଭୁବନେଶ୍ୱର ପଟିଆ ଅଞ୍ଚଳରେ ରହୁଥିବା ବେଳେ ପୂର୍ବପରି ଆଉ ଫୋନ କି ହ୍ୱାଟ୍ସଆପ୍ କରୁନାହାନ୍ତି। ବାରମ୍ବାର ଟଙ୍କା ମାଗିବାରୁ ସୋନୁ ହତ୍ୟା ଧମକ ଦେଉଛନ୍ତି। ଏପରି କି ଗାଡି ଚଢାଇ ମାରି ଦେବେ ବୋଲି ଚେତାବନୀ ଦେଉଛନ୍ତି। ପୂର୍ବରୁ ସେ ଯାହା କଥା ହେଉଥିଲେ ତା'ର ଭଏସ୍ ମେସେଜ୍ ସହ ଅନ୍ୟ ପ୍ରମାଣ ତାଙ୍କ ପାଖରେ ମହଜୁଦ ରହିଥିବା ଜିତେନ୍ଦ୍ର ଅଭିଯୋଗପତ୍ରରେ ଉଲ୍ଲେଖ କରିଥିବା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

## ବଟେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**କେନ୍ଦ୍ରାପଡ଼ା, ୨୭।୨ (ଜଗନ୍ନାଥ ଧଳ)**

ରାଜନଗର ବ୍ଲକ୍ ସଦର ମହକୁମା ପଞ୍ଚାୟତର ସାନଓର ବରଗୁଡିଦଣ୍ଡା ଥିବା ବଟେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାନଓର ଓ ବରଗୁଡିଦଣ୍ଡା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ କର୍ତ୍ତା ଭାବେ ନାରାୟଣ ଦାସ ପୂଜାରେ ବସିଥିଲେ। ସୋମବାର ଅଙ୍କୁରାରୋପଣ ଓ ଅଧିବାସ କରାଯାଇଥିଲା। ମଙ୍ଗଳବାର କଳସ ଶୋଭାଯାତ୍ରା ଓ ଠାକୁରଙ୍କ ମହାସ୍ନାନ କରାଯାଇ, ସୂର୍ଯ୍ୟ ପୂଜା, ଗୋ ପୂଜା କରାଯିବ ସହ ମୂର୍ତ୍ତି ଜୀବନ୍ୟାସ ଓ ମନ୍ଦିର ପ୍ରତିଷ୍ଠା କରାଯାଇ, ଅନ୍ୟ ଦେବଦେବୀଙ୍କୁ ପ୍ରତିଷ୍ଠା କରାଯାଇଥିଲା। ପଣ୍ଡିତ ବିଜୟ କୁମାର ନନ୍ଦଙ୍କ ନେତୃତ୍ୱରେ ପଣ୍ଡିତମାନେ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ଯଜ୍ଞ ସମାପନ କରିଥିଲେ। ଏହାକୁ ପରିଚାଳନାରେ ୨ ଗାଁର ଲୋକ ସହଯୋଗ କରିଥିଲେ।

# ପାରା କ୍ରୀଡ଼ାବିତ୍‌ଙ୍କୁ ପୁନର୍ବାସର ନିଓମୋଶନ ସ୍କୁଟି ପ୍ରଦାନ




ନିଓମୋଶନ ବ୍ୟାଟେରି ଚାଳିତ ସ୍କୁଟିକୁ ଭିନ୍ନକ୍ଷମଙ୍କୁ ପ୍ରଦାନ କରାଯାଉଛି।

**କେନ୍ଦ୍ରାପଡ଼ା, ୨୭।୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁର୍ନବାସ ଅନୁଷ୍ଠାନ ପକ୍ଷରୁ ନିଓମୋସନ ବ୍ୟାଟେରୀ ଚାଳିତ ସ୍କୁଟି ବୁଧବାର ପ୍ରଦାନ କରାଯାଇଛି। ଏହାକୁ ଚଳନଶକ୍ତି ବାଧିତ ଡେରାବିଶ ବ୍ଲକ ହରିଅଙ୍କ ଗ୍ରାମର ପାରାକ୍ରୀଡାବିତ୍ ବଲରାମ ସ୍ୱାଇଁ ଗ୍ରହଣ କରିଛନ୍ତି। ଏ ନେଇ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ମୁଖ୍ୟ ଉପଦେଷ୍ଟା ଡ. ବିରଜା କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଡିଏସ୍‌ଏସ୍‌ଓ ରୂପାପାଲୀ ପ୍ରିୟଦର୍ଶନୀ, ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, କାଉନସିଲର ରଶ୍ମିତା ସିଂହ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ସରକାରୀ ଯୋଜନାର କାର୍ଯ୍ୟକାରିତା ସହ ବେସରକାରୀ ସ୍ତରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ସଭ୍ୟ ସ୍ୱପ୍ନାସୁ ଦାସ, ଅଧିକାରୀ ଚନ୍ଦ୍ରମଣି ମଲିକ, ନୃସିଂହ ଚରଣ ତ୍ରିପାଠୀ, କ୍ଷୀରୋଦ କର, ସୟଦ ସାଉଦ ଅଲ୍ଲୀ, ସରୋଜକାନ୍ତ ସାହୁ, ସହସମ୍ପାଦକ ବଂଶୀଧର ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବାକି ଟଙ୍କା ମାଗିବାରୁ ଦୋକାନ ଜାଳିଦେଲେ ଦୁର୍ବୃତ୍ତ

**ଆଳି,୨୭।୨(ବନମାଳୀ ସେନାପତି)**

ଆଳି ଥାନା ଅନ୍ତର୍ଗତ ବାଟିପଡା ମଦ ଦୋକାନ ନିକଟରେ ଥିବା ଏକ କେବିନକୁ ଦୁର୍ବୃତ୍ତ ଜାଳି ଦେଇଥିବା ନେଇ ଅଭିଯୋଗ ହୋଇଛି। ବାଟିପଡାର ଦୋକାନୀ ରଞ୍ଜିତ କୁମାର ପରିଡା ଥାନାରେ ଅଭିଯୋଗ କରିଛନ୍ତି ଯେ, ମଦ ଦୋକାନ ନିକଟରେ ଏକ କ୍ୟାବିନ ପକାଇ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ବୁଧବାର ରାତିରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କ ଦୋକାନକୁ ଜିନିଷ କିଣିବାକୁ ଆସିଥିଲେ। ସେହି ସମୟରେ ସେ ତାଙ୍କୁ ପୁରୁଣା ବାକି ଟଙ୍କା ମାଗିବାରୁ ସେ ଟଙ୍କା ନ ଦେଇ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ କାଲି ସକାଳ ସୁଦ୍ଧା ତୋ ଦୋକାନ ଜାଳି ଦେବାକୁ କହି ଧମକ ଦେଇ ସେଠାରୁ ପଳାଇ ଯାଇଥିଲା। ସେ ରାତିରେ ସେହି ମଦ କାଉଁଟର ମଧ୍ୟରେ ଅନ୍ୟ ଜଣକ ସହ ଶୋଇଥିବା ବେଳେ ଗ୍ୟାସ ଟାଙ୍କି ଫାଟିବା ଶବ୍ଦ ଶୁଣି ଉଠି ପଡିଥିଲେ। ବାହାରକୁ ଆସିବା ପରେ ତାଙ୍କ କ୍ୟାବିନଟି ଜଳୁଥିବା ଦେଖିବାକୁ ପାଇଥିଲେ। ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଆଳି ଦମକଳକୁ ଖବର ଦେଇଥିଲେ। ଦମକଳ ପହଞ୍ଚି ନିଆଁକୁ ଆୟତ କରିଥିଲା। ଦୋକାନରେ ଥିବା ଗ୍ୟାସ ଟାଙ୍କି, ଫ୍ରିଜ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି। ପୋଲିସ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ ବ୍ଲକରେ ସୁଶାସନ, ବିକାଶ କର୍ମଶାଳା

**ପଟ୍ଟାମୁଣ୍ଡାଇ,୨୭।୨(କଳ୍ପତରୁ ନାୟକ)**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ସୁଶାସନ ଓ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିପିଡିଓ ପୀତାମ୍ବର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଭାରପ୍ରାପ୍ତ ବିଡିଓ ଅଶୋକ ମହାନ୍ତି, ଏବିଡିଓ ସନ୍ତୋଷ ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ସୁଶାସନ ପାଇଁ ଆବଶ୍ୟକ କାର୍ଯ୍ୟକ୍ରମ ଓ ବିକାଶ ପାଇଁ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଓ ବାଛରା ସରପଞ୍ଚ ରଞ୍ଜିତା ସାହୁ ସୁଶାସନ ଓ ବିକାଶ କାର୍ଯ୍ୟକ୍ରମ ଉପରେ ସୁଚିନ୍ତିତ ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡି ଓ ଆଶା କର୍ମୀ ଯୋଗଦେଇଥିଲେ। ଶେଷରେ ସିପି ପ୍ରିୟ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

**ଡେରାବିଶ,୨୭।୨ (ବେବର୍ତ୍ତା ଅଜୟ ଦାସ)**



ନିଆଁ ଲାଗି ଜଳି ଯାଉଥିବା ଘର।

ଡେରାବିଶ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବରାହିଲୋ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡରେ ଶରତ କୁମାର ସାମଲଙ୍କ ୪ ବଖରା ଜଳି ଯାଇଛି। ଖବର ପାଇ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ଦମକଳ ଗାଡ଼ି ସହ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସୁଦ୍ଧା ସେତେବେଳକୁ ସମସ୍ତ ଘର ଓ ଘରେ ଥିବା ମୁଲ୍ୟବାନ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ନିଆଁର ଏତେ ଭୟାବହ ଥିଲା ଯେ, ଗରିବ ଶରତଙ୍କ ପରିବାର ସଦସ୍ୟ ପିନ୍ଧିଥିବା ବସ୍ତ୍ର ସହ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରିପାରି ନ ଥିଲେ। ଅଗ୍ନିକାଣ୍ଡ ଘଟିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଏହି ବିପତି ପାଇଁ ଗରିବ ଶରତଙ୍କ ପରିବାର ସର୍ବହରା ହୋଇଯାଇଛନ୍ତି। ଖବରପାଇ ସ୍ଥାନୀୟ ସରପଞ୍ଚ ଅରିକ୍ଷିତ କାଣ୍ଡି ଓ ସମିତିସଭ୍ୟ ଫନିନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଅପରପକ୍ଷରେ ସୂଚନା ପାଇଁ ବଳଭଦ୍ରପୁର ରାଜସ୍ୱ ସର୍କଲ ଆର୍‌ଆଇ ଲକ୍ଷ୍ମଣ ବେହେରା ବିପନ୍ନ ପରିବାରଙ୍କୁ ପାଲ ପ୍ରଦାନ କରିଛନ୍ତି। ତେବେ ସର୍ବସ୍ୱ ହରାଇଥିବା ଏହି ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ଆବାସ ଯୋଗା ଦେବା ପାଇଁ ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ପଞ୍ଚାୟତବାସୀ ଦାବି କରିଛନ୍ତି।

# ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଘଟଣାରେ ବିଜେଡି ପ୍ରତିବାଦ କରିବ

**ପାରାଦୀପ, ୨୭।୨(ଶରତ ରାଉତ)**

ପାରାଦୀପ ନିର୍ବାଚନମଣ୍ଡଳୀ ସହ ଜଗତ୍‌ସିଂହପୁର ଜିଲାରେ ଏବେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଛି। ବିଶେଷକରି କୁଜଙ୍ଗ ଆଇଆଇସି ଘଟଣା ଜିଲା ପାଇଁ ଏକ ଲଜ୍ଜାକର ଘଟଣା। ଜିଲାର ଜଣେ ମନ୍ତ୍ରୀଙ୍କ ଦ୍ୱାରା ଚାଲିଥିବା ଅନେକ ଆପରାଧିକ କାର୍ଯ୍ୟ ପଛରେ ବଡ଼ ଷଡ଼ଯନ୍ତ୍ର ହେଉଛି। ଯେଉଁ ଆଇଆଇସି ତପନ ନାହାକ ଘଟଣା ଚର୍ଚ୍ଚିତ ହୋଇଛି ସେହି ଅଧିକାରୀଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଥିଲା। କିନ୍ତୁ ମନ୍ତ୍ରୀ ତାଙ୍କ ସୁପାରିସରେ ନିଜ ଅଞ୍ଚଳରେ ପୋଷ୍ଟିଂ କରାଇଥିଲେ। ଫୋନରେ ହତ୍ୟା ଧମକ, ବାଲି ଚୋରି ବୃଦ୍ଧି, କମ୍ପାନୀମାନଙ୍କ ପାଖରେ ବ୍ୟବସାୟ ପାଇଁ ଚାପ ପକାଇବା ଭଳି ଅନେକ ଘଟଣା ଘଟୁଛି। ଏଥିପାଇଁ ବିଜୁ ଜନତା ଦଳ ଆଗାମୀ ଦିନରେ ଆଇନଶୃଙ୍ଖଳା ଘଟଣାକୁ ନେଇ ଆନ୍ଦୋଳନ କରିବ ବୋଲି ବିଜେଡି ନେତା ଅରିନ୍ଦମ ସର୍ଖେଲ (ବାପି)ପ୍ରେସ୍ ବିବୃତି ଜରିଆରେ ସୂଚନା ଦେଇଛନ୍ତି।

# ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦେଲେ ଦୁର୍ବୃତ୍ତ



ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି।

**ଆଳି, ୨୭।୨(ବନମାଳୀ ସେନାପତି)**

ଆଳି ବ୍ଲକ ଭୂଇଁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅର୍ଜୁନ ଚରଣ ସାମଲଙ୍କ ପ୍ରତିମୂର୍ତ୍ତିକୁ କେତେଜଣ ଦୁର୍ବୃତ୍ତ ଭାଙ୍ଗି ଦେଇଥିବାବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଅଭିଯୋଗକାରୀ ଅର୍ଜୁନଙ୍କ ପୁଅ ଅଭୟ ଅଭିଯୋଗ କରିଛନ୍ତି ଯେ, ଗତ ୧୭ ତାରିଖ ରାତିରେ ଏକ ବାହାଘର ଶୋଭାଯାତ୍ରା ଭୂଇଁପୁର ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରା ସମୟରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ବିଳମ୍ବିତ ରାତିରେ ଉକ୍ତ ଗଣ୍ଡଗୋଳକାରୀଙ୍କ ମଧ୍ୟରୁ କେତେଜଣ ଯୁବକ ତାଙ୍କ ବାପାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ପକାଇ ଯାଇଥିଲେ। ଏ ନେଇ ୧୮ ତାରିଖରେ ଆଳି ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ କୌଣସି ତଦନ୍ତ କରୁନାହିଁ। ଘଟଣାକୁ ୧୦ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସର ଢିଲାପଣ ସେମାନଙ୍କୁ ମର୍ମାହତ କରିଛି। ଅର୍ଜୁନଙ୍କ ଭଳି ଜଣେ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣାରେ ପୋଲିସର ତଦନ୍ତ ପ୍ରକ୍ରିୟାରେ ନୀରବତା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ତୁରନ୍ତ ଏ ଦିଗରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଜକନିକା,୨୭।୨(ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ ଅନ୍ତର୍ଗତ ସିକୋ ଗାଁରେ ବୁଧବାର ମହାଶିବରାତ୍ରରେ ଗାଁ ପକ୍ଷରୁ ବାବା ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ଜୋନ ସଭାପତି ଦିଲୀପ ପରିଡା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ବିଚାର ମଣ୍ଡଳୀମାନେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଦୂରଦର୍ଶନ କେନ୍ଦ୍ରର କଳାକାର ଡ. ରବିନାରାୟଣ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା କଳାକାର ବିନୟ ଭୂଷଣ ଜେନା, ନାଟ୍ୟ ଓ ନୃତ୍ୟ କଳା ନିର୍ଦ୍ଦେଶକ ବସନ୍ତ କୁମାର ରାୟ ଉପସ୍ଥିତ ରହି କୁନି ପ୍ରତିଭାମାନଙ୍କୁ ବିବେଚିତ କରିଥିଲେ। ମୁଖ୍ୟଅତିଥି ସାଂସ୍କୃତିକ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ବିଚାରମଣ୍ଡଳୀଙ୍କ ଦ୍ୱାରା ବିବେଚିତ ହୋଇଥିବା କୃତୀ କଳାକରଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଥମ ପୁରସ୍କାର ସୁଚିସ୍ମିତ ପଣ୍ଡା, ଦ୍ୱିତୀୟ ପୁରସ୍କାର ଲକ୍ଷ୍ମୀପ୍ରିୟା ମଲ୍ଲିକ ଓ ଏଲ ସାଇମିନାଲ ରାୟ ଏବଂ ତୃତୀୟ ପୁରସ୍କାର ସ୍ୱୟଂଶ୍ରୀ ବାରିକ ଓ ଦୀପ୍ତିମୟୀ ବେହେରା ବିବେଚିତ ହୋଇଥିଲେ।

# ଋଣ ପରିଶୋଧ ପାଇଁ ଜୁଲମ

- ଯୁବକଙ୍କୁ ଘର ଭିତରେ ପୂରାଇ ତାଲା ମାରିଲେ ଋଣ ପ୍ରଦାନକାରୀ ସଂସ୍ଥା
- ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଆଳି,୨୭।୨(ବନମାଳୀ ସେନାପତି)**



ବିଶ୍ୱରଞ୍ଜନ ଭଞ୍ଜ

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ମହୁ ଗ୍ରାମରେ କେତେଗୋଟି ଋଣ ପ୍ରଦାନକାରୀ ସଂସ୍ଥାର ଋଣ ପରିଶୋଧ ଲାଗି ଜୁଲମ ଯୋଗୁ ଗୁରୁବାର ଜଣେ ଯୁବକ ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ମହୁ ଗ୍ରାମର ବିଶ୍ୱରଞ୍ଜନ ଭଞ୍ଜଙ୍କ ମା' ଋଣ ପ୍ରଦାନକାରୀ ସଂସ୍ଥା ନିକଟରୁ ଟଙ୍କା ଋଣ ନେଇ କେଉଁଠି କି ଯାଇଛନ୍ତି। ଋଣ ଦେଇଥିବା ସଂସ୍ଥାର ସଦସ୍ୟମାନେ ଆଦାୟ ନିମନ୍ତେ ତାଙ୍କ ଘରକୁ ଯାଇଥିବା ବେଳେ ମହିଳା ଘରେ ନ ଥିଲେ। ବିଶ୍ୱରଞ୍ଜନ ଦୁଇଦିନ ମଧ୍ୟରେ ଟଙ୍କା ଦିଆଯିବ ବୋଲି ସେମାନଙ୍କୁ କହିଥିଲେ। କିନ୍ତୁ ସେମାନେ ଆଜି ଟଙ୍କା ନେବାକୁ ଜିଦ ଧରିବା ସହ ଋଣ ଦେଇଥିବା ସଂସ୍ଥାରୁ ଆସିଥିବା କର୍ମଚାରୀମାନେ ଟଙ୍କା ଦେବା ନିମନ୍ତେ ଜିଦ୍ ଧରି ବିଶ୍ୱରଞ୍ଜନଙ୍କୁ ଘର ଭିତରେ ପୂରାଇ ବାହାର ପଟରୁ ତାଲା ପକାଇ ବନ୍ଦ କରି ଦେଇଥିଲା। ସେମାନଙ୍କ ଜୁଲମ ଅସହ୍ୟ ହେବାରୁ ମାନସିକ ଭାରସାମ୍ୟ ହରାଇ ଘର ଭିତରେ ବିଶ୍ୱରଞ୍ଜନ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରି ପ୍ରଥମେ ଆଳି ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।


ଇଣ୍ଡିଆନ ବ୍ୟାଙ୍କ Indian Bank ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: **୧) ଜୟନ୍ତ କୁମାର ବେହେରା,** ପିତା: କୃଷ୍ଣ ଚନ୍ଦ୍ର ବେହେରା, **୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା),** ପିତା: ଭରତ ବେହେରା / **ଗ୍ୟାରେଣ୍ଟିଦାତା: ଲିଲି ବେହେରା,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିୟୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | **କୃଷ୍ଣ ଚନ୍ଦ୍ର ବେହେରା,** ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: |

କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆର୍‌ଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ନୟାଗଡ଼ ବ୍ଲକ୍‌ରେ ଖାଲି ପଡ଼ିଛି ବିଇଓ ପଦବୀ

ନୟାଗଡ଼,୨୭ା୨(ଲୋକନାଥ ମିଶ୍ର)

ଜିଲା ସଦର ମହକୁମାର ବ୍ଲକ୍ ନୟାଗଡ଼ରେ ଖାଲି ପଡ଼ିଛି ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ) ପଦବୀ। ନିକଟରେ ବ୍ଲକ ଶିକ୍ଷା ଅଧିକାରୀ ପଦବୀକୁ ସରକାର ପୂରଣ କରିଥିବାବେଳେ ନୟାଗଡ଼ ବ୍ଲକ ଅଣଦେଖା ହୋଇ ରହିଛି। ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଇଓ ପଦବୀର ଅତିରିକ୍ତ ଦାୟିତ୍ୱରେ ଥିବାରୁ ସମସ୍ୟା ଦେଖା ଦେଇଛି। ତୁରନ୍ତ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ପୂରଣ କରିବାକୁ ଦାବି ହୋଇଛି।

### ୨୦ ବର୍ଷ ପରେ ବି ଶିକ୍ଷକଙ୍କ ବଦଳି ନାହିଁ

ନୟାଗଡ଼,୨୭ା୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଗୋଟିଏ ସ୍କୁଲରେ ଶିକ୍ଷକମାନେ ୨୦ରୁ ୩୦ ବର୍ଷ ଧରି ଆସ୍ଥାନ ଜମାଇ ବସି ରହିଛନ୍ତି। ଜିଲା ସଦର ମହକୁମା ନୟାଗଡ଼ ମ୍ୟୁନିସିପାଲିଟି ସ୍କୁଲରେ ଏଭଳି ସମସ୍ୟା ବହୁ ଅଧିକ। ନୟାଗଡ଼ ମ୍ୟୁନିସିପାଲିଟି ଭିତରେ ରହିବାକୁ ଶିକ୍ଷକମାନେ ଲବି କରୁଛନ୍ତି। ଶିକ୍ଷକମାନଙ୍କ ବଦଳି ନ ଥିବାରୁ ପାଠପଢ଼ା ଠିକରେ ହେଉ ନ ଥିବା ଅଭିଯୋଗ ଉଠିଛି। କେତେଜଣ ଶିକ୍ଷକ ନିଜର ପତିଆରା ଦେଖାଇବା ପାଇଁ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସେଠାରେ ବିଭିନ୍ନ ଅଧିକାରୀଙ୍କୁ ହାତ କରି ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଖଲୋକ ସାଜୁଛନ୍ତି। ସେମାନେ ଶିକ୍ଷକମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି।

### ବୁଢ଼ିଝରୀ ଶାଳବଣିରେ ଫଳ ପ୍ରୋସେସିଂ ୟୁନିଟ୍

ନୟାଗଡ଼,୨୭ା୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଯୋଗିଆପଲ୍ଲୀ ପଞ୍ଚାୟତର ବୁଢ଼ିଝରୀ ଶାଳବଣିରେ ଫଳ ପ୍ରୋସେସିଂ ୟୁନିଟ ରହିଛି। ଏହା ଓଡିଶାର ପ୍ରଥମ ୟୁନିଟ୍‌ଭାବେ କାମ କରୁଛି। ଏଠାରେ ସେଓ, କଦଳୀ, ସପୁରୀ,ପଣସ ପରି ଫଳ ବୈଜ୍ଞାନିକ ଉପାୟରେ ପ୍ରୋସେସିଂ କରାଯାଇ ୨୫ ବର୍ଷ ଯାଏ ରଖାଯାଇ ପାରୁଛି। ଏଠାରେ ସଂପୃକ୍ତ ଖାଦ୍ୟ ପ୍ରସ୍ତୁତି ଆରମ୍ଭ ହୋଇଥିଲେ ମଧ୍ୟ ବିକ୍ରୀ ପାଇଁ ବଜାର ନ ଥିବାରୁ ଅଳ୍ପ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଯୁଦ୍ଧ କ୍ଷେତ୍ରରେ, ବିମାନ ଯାତ୍ରାରେ ଏଭଳି ଖାଦ୍ୟର ଲୋକପ୍ରିୟତା ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧କୋଟି ୭୫ ଲକ୍ଷ ୨୫ହଜାର ବ୍ୟୟରେ ଏହି ୟୁନିଟ୍ ନିର୍ମାଣ ହୋଇଛି।

# ଆବାସ ଯୋଜନାର ସର୍ଭେକୁ ନେଇ ପ୍ରଶ୍ନ

- ହିତାଧିକାରୀ ଆବାସ ଆପ୍‌ରେ କରି ପାରୁ ନାହାନ୍ତି ସର୍ଭେ
- ତାଲିମ ପ୍ରାପ୍ତ କର୍ମଚାରୀ ଘରକୁ ଘର ବୁଲୁ ନ ଥିବା ଅଭିଯୋଗ
- ସର୍ଭେ ନେଇ ଅବଗତ ନ ଥିବାରୁ ଭୂମିହୀନ ବାଦ ପଡ଼ିବାର ଭୟ

ନୟାଗଡ଼,୨୭ା୨(ଲୋକନାଥ ମିଶ୍ର)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଗୃହ ମଞ୍ଜୁର ପାଇଁ ହିତାଧିକାରୀ ଚିହ୍ନଟ ଚାଲିଛି। ଗତ ଜାନୁଆରୀ ୨୪ରୁ ମାର୍ଚ୍ଚ ୩୧ ଯାଏଁ ଏହି ଚିହ୍ନଟ ହେବ। ତେବେ ଯୋଜନାରେ ସାମିଲ ହେବା ପାଇଁ ହିତାଧିକାରୀ ଆବାସ ଆପ୍‌ର ବ୍ୟବହାର ଠିକରେ କରି ପାରୁ ନାହାନ୍ତି। ଅନେକ ହିତାଧିକାରୀ ସରକାରଙ୍କ ସର୍ଭେକୁ ନେଇ ଅବଗତ ନାହାନ୍ତି। ପୁଣି ଘରକୁ ଘର ବୁଲି ସର୍ଭେ କରିବାକୁ ନିୟୋଜିତ ଥିବା କର୍ମଚାରୀ ଗାଁର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହି ସର୍ଭେ ଶେଷ କରୁଥିବାର ଅଭିଯୋଗ ହୋଇଛି। ଭୂମିହୀନମାନେ ସର୍ଭେ ନେଇ ଆଦୌ ସଚେତନତା ନାହାନ୍ତି। ଯେଉଁଭଳି ଢ଼ଙ୍ଗରେ ସର୍ଭେ ଚାଲିଛି ମାର୍ଚ୍ଚ ୩୧ କ'ଣ ଡିସେମ୍ବର ମାସ ଶେଷ ହେଲେ ବି ପ୍ରକୃତ ହିତାଧିକାରୀ ଯୋଜନାରେ ସାମିଲ ହୋଇ ପାରିବେ ନାହିଁ ବୋଲି ଅଭିଯୋଗ କରାଯାଇଛି।

ଗ୍ରାମାଞ୍ଚଳରେ ପ୍ରତ୍ୟେକ ପରିବାର ମୁଣ୍ଡ ଉପରେ ପକ୍କା ଛାତଟିଏ ଗଢ଼ି ତୋଳି ସେମାନଙ୍କୁ ନିରାପଦ ଆଶ୍ରୟସ୍ଥଳୀ ଯୋଗାଇ ଦେବା ପାଇଁ ସରକାର ପ୍ରାଧାନ୍ୟ ଦେଇଛନ୍ତି। ଏହି ଅବସରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ହିତାଧିକାରୀ ଚୟନ ପଦ୍ଧତିକୁ କୋହଳ କରିଛନ୍ତି। ଏଣୁ ଚକିଆ ଯାନ, ଫ୍ରିଜ୍ ଅଥବା ଲ୍ୟାଣ୍ଡ ଲାଇନ ଫୋନ ଥିବା ପରିବାର ଅଯୋଗ୍ୟ ବିବେଚିତ ନ ହୋଇ ଯୋଜନାରେ ସାମିଲ ହୋଇ ପାରିବେ। ପୁଣି ଯୋଗ୍ୟ ହିତାଧିକାରୀଙ୍କ ମାସିକ ଆୟ ୧୦ରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସର୍ଭେରେ କ୍ଷେତ୍ର କର୍ମଚାରୀ ଓ ଆଶାୟୀ ପରିବାର ନିଜକୁ ନିଜେ ସାମିଲ ହୋଇ ପାରିବେ। ଏଥିପାଇଁ ହିତାଧିକାରୀ ଓ ସରକାରୀ କର୍ମଚାରୀଙ୍କ ପାଇଁ କର୍ମଶାଳା କରାଯାଇ ସଚେତନତା ଓ ତାଲିମ ଦେବାର ନିୟମ ବି ରହିଛି। ସରକାରଙ୍କ ଏତେ ଚେଷ୍ଟା ସତ୍ତ୍ୱେ ବି ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ନ ଥିବା ଅଭିଯୋଗ ହୋଇଛି।

ପ୍ରଶାସନରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ୪ ହଜାର ୪୭୫ ଜଣ ହିତାଧିକାରୀ ମୋବାଇଲ ଆପ୍‌ରେ ନିଜ ପାଇଁ ସର୍ଭେ କରି ଯୋଜନାରେ ସାମିଲ ହୋଇଛନ୍ତି। ସେହିପରି ସରକାରୀ ଭାବେ ୨୧ ହଜାର ୪୨୫ଜଣଙ୍କୁ ଅନୁରୂପ ଭାବେ ସର୍ଭେ କରାଯାଇ ଚିହ୍ନଟ ହୋଇଛି। ଜିଲାରେ ମୋଟରେ ୨୫ ହଜାର ୯୦୦ ଜଣ ହିତାଧିକାରୀ ଫେବୃଆରୀ ୨୫ ପର୍ଯ୍ୟନ୍ତ ଉକ୍ତ ଯୋଜନାରେ ସାମିଲ ହୋଇଛନ୍ତି। ମୋଟ ହିତାଧିକାରୀଙ୍କ ମଧ୍ୟରୁ ୯୩୩ ଜଣ ଭୂମିହୀନ। ଏନେଇ ଗଣିଆର ମିଟୁ ପ୍ରଧାନ ଓ ନୂଆଗାଁର ସୁଦାମ ନାୟକ କୁହନ୍ତି, ଲୋକଙ୍କ ସୁବିଧା ପାଇଁ ସରକାର ଆବାସ ଚୟନ ପଦ୍ଧତିକୁ ସରଳ କରିଛନ୍ତି। ତେବେ ହିତାଧିକାରୀଙ୍କ ପାଇଁ ଯେଉଁ ଆବାସ ଆପ୍ ବ୍ୟବସ୍ଥା ରହିଛି ସମସ୍ତେ ଏହାକୁ ବ୍ୟବହାର କରି ପାରୁ ନାହାନ୍ତି। ଶିକ୍ଷିତ ଲୋକମାନେ ମୋବାଇଲ ଆପ୍‌ର ବ୍ୟବହାର କରିବାକୁ କଷ୍ଟକର ହେଉଥିବାବେଳେ ଆଦିବାସୀ, ଦଳିତ, ନିରକ୍ଷର ଓ ଗରୀବ ଲୋକ ଏହାର ଫାଇଦା ଆଦୌ ନେଇ ପାରୁ ନାହାନ୍ତି। ଗାଁକୁ ଯେଉଁ ସରକାରୀ କର୍ମଚାରୀ ଆସୁଛନ୍ତି ସେମାନେ ଘରକୁ ଘର ବୁଲି ସର୍ଭେ କରୁ ନ ଥିବାରୁ ଅନେକ ହିତାଧିକାରୀ ବାଦ୍ ପଡିବା ଆରମ୍ଭ ହୋଇଛି। ଭୂମିହୀନମାନେ ଆଦୌ ଯୋଜନା ସମ୍ପର୍କରେ ଜାଣି ପାରୁ ନାହାନ୍ତି। ଏଣୁ ସରକାରୀସ୍ତରରେ ଆବାସ ଯୋଜନାର ସର୍ଭେକୁ ଗୁରୁତ୍ୱ ଦିଆଯାଉ ବୋଲି କହିଛନ୍ତି। ଭାପୁରର ପ୍ରଭାତ ସ୍ୱାଇଁ, ଖଣ୍ଡପଡ଼ାର ସଦାଶିବ ସାହୁ କୁହନ୍ତି, ହିତାଧିକାରୀଙ୍କ ପାଇଁ କର୍ମଶାଳା ବ୍ୟବସ୍ଥା ଅଛି। ତେବେ ହିତାଧିକାରୀଙ୍କୁ କର୍ମଶାଳାରେ ସଚେତନତା କେଉଁଠି କରାଯାଇଛି ଆମେ ଜାଣି ପାରିଲୁ ନାହିଁ। ଏଣୁ ଆଗକୁ କିପରି ପ୍ରକୃତ ହିତାଧିକାରୀ ଯୋଜନାରେ ସାମିଲ ହୋଇ ପାରିବେ ସେନେଇ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ବିଦ୍ୟାଳୟ ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ ପାଇଁ ସହମତି



ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଓଡ଼ଗାଁ,୨୭ା୨
(ଆଦର୍ଶ କୁମାର ପଟ୍ଟନାୟକ)

### ଦେଓଗାଁ-ଭାଲିଆଡିହି ରାସ୍ତା ବିବାଦ

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପାଣ୍ଡେରିପଡା ପଞ୍ଚାୟତ ଦେଓଗାଁ–ଭାଲିଆଡିହି ବିଦ୍ୟାଳୟ ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରିବା ପାଇଁ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ପୂର୍ତ୍ତ ବିଭାଗକୁ ପରାମର୍ଶ ଦେଇଛନ୍ତି। ଯଦି ଉଭୟ ଗ୍ରାମବାସୀ ନିଷ୍ପତ୍ତିକୁ ମାନି ନିଅନ୍ତି ତେବେ ଭଲ, ନଚେତ୍ ଆଇନ ସହାୟତାରେ ଉକ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରଶାସନ ତରଫରୁ ଉଭୟ ଗ୍ରାମବାସୀଙ୍କୁ ଶୁଣାଇ ଦିଆଯାଇଛି। ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ରାଜସ୍ୱ ନିରୀକ୍ଷକଙ୍କ ସହାୟତାରେ ରାସ୍ତା ଚିହ୍ନିତ କରି ରାସ୍ତା କାର୍ଯ୍ୟ ଆରମ୍ଭ କରନ୍ତୁ ଏବଂ ଉଭୟ ଗ୍ରାମବାସୀ ସହଯୋଗ କରନ୍ତୁ ବୋଲି ତହସିଲଦାର ବୁଝାଇଛନ୍ତି। ସୂଚନାଯୋଗ୍ୟ ୨୬ ବର୍ଷ ଧରି ରାସ୍ତା ବିବାଦ ଲାଗିରହିଥିବାରୁ ଏହାର ଦୁଃଖ ଦେଓଗାଁବାସୀଙ୍କୁ ଭୋଗିବାକୁ ପଡୁଥିଲା। ବିବାଦ ଲାଗିରହିବାରୁ ବିଭିନ୍ନ ଘଟଣାକୁ କେନ୍ଦ୍ର କରି ଗଣ୍ଡଗୋଳ ଲାଗିବା, କୋର୍ଟ କଚେରୀ ଯାଇ ଅର୍ଥ ବରବାଦ କରିବା, ବିଶେଷ କରି ବାପଘର ଶାଶୁଘର ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ହେବା ଯୋଗୁ ସାମାଜିକ ଅସ୍ଥିରତା ସୃଷ୍ଟି ହେଉଥିଲା।

# ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ ଗୁରୁତ୍ୱାରୋପ




ଜଙ୍ଗଲ ନିଆଁ ବନ୍ଦ ପାଇଁ ଗ୍ରାମବାସୀଙ୍କ ସହ ବିଭାଗୀୟ ଅଧିକାରୀ ଆଲୋଚନା କରୁଛନ୍ତି।

ନୟାଗଡ଼,୨୭ା୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ତିଳାବାରି ଗ୍ରାମରେ ଗ୍ରାମସଭା ସମୂହ,ଦଶପଲ୍ଲା ଆନୁକୂଲ୍ୟରେ ଜଙ୍ଗଲ ନିଆଁ ପ୍ରତିରୋଧ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସଭା ସମୂହର ସଭାପତି ପ୍ରମୋଦ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗୋଷ୍ଠୀ ଜଙ୍ଗଲ ସୁରକ୍ଷା କରିବା, ନିଆଁ ଦାଉରୁ ରକ୍ଷା କରିବା, କ୍ଷେତ୍ରରେ ଗ୍ରାମବାସୀଙ୍କ ଦାୟିତ୍ୱ ଓ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ଜଙ୍ଗଲ ମୋର ଭାବନାକୁ ମନ ଭିତରେ ଆଣିବାର ଆବଶ୍ୟକ ଅଛି ବୋଲି ମତ ପ୍ରକାଶ ପାଇଥିଲା। ଆଞ୍ଚଳିକସ୍ତରରେ ସମସ୍ତେ ପରସ୍ପର ସହଯୋଗ କରି ଚଳିତ ବର୍ଷ ଜଙ୍ଗଲରେ ନିଆଁକୁ ପ୍ରତିରୋଧ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ମିରୁକୁଲି, ତିଲାବାରୀ, ତାବଡା, ପାନାବାରି ଓ ମୁଣ୍ଡୁଳି ଆଦି ଗ୍ରାମସଭାର ଗୋଷ୍ଠୀ ଜଙ୍ଗଲ ସମ୍ବଳ ସୁରକ୍ଷା ଓ ପରିଚାଳନା କମିଟି ସଦସ୍ୟା ଓ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସମୂହର ନିମନ୍ତ୍ରଣ କ୍ରମେ ବନ ବିଭାଗ ତରଫରୁ ଦୀପ୍ତିମୟୀ ଦାସ ଯୋଗଦାନ କରି ଜଙ୍ଗଲରେ ନିଆଁ ନିୟନ୍ତ୍ରଣ କରିବା ପଦ୍ଧତି ଉପରେ ଉପସ୍ଥିତ ସଦସ୍ୟା ଓ ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନିଆଁ ଲାଗିବା ପୂର୍ବରୁ କିମ୍ବା ନ ଲାଗିବା ପାଇଁ ସତର୍କ ଓ ସଜାଗ ରହି ପ୍ରତିକାର ମୂଳକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଥିଲେ। ଗ୍ରାମବାସୀ ଏଥିପ୍ରତି ବିଶେଷ ଧ୍ୟାନଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଯେକୌଣସି ସମୟରେ ଆବଶ୍ୟକ ପଡିଲେ ବନ ବିଭାଗର ସହଯୋଗ ସହିତ ତାଙ୍କର ବ୍ୟକ୍ତିଗତ ସହଯୋଗ ମିଳିବ ବୋଲି କହିଥିଲେ। ପଡ଼ୋଶୀ ଗାଁ ତୁମାଣ୍ଡି ଦ୍ୱାରା ଜଙ୍ଗଲରେ ନିଆଁ ଲାଗୁଛି। ପ୍ରାୟ ୨ରୁ ୩ବର୍ଷ ହେଲା ଜଙ୍ଗଲ ନିଆଁ ଆମ ଗୋଷ୍ଠୀ ଜଙ୍ଗଲକୁ ଆସି ବ୍ୟାପକ କ୍ଷତି କରୁଛି। ପ୍ରତିବର୍ଷ ଗାଁ ଲୋକେ ଜଙ୍ଗଲ ନିଆଁ ଲିଭାଉଥିବା ତିଳାବାରି ଗ୍ରାମବାସୀ କହିଥିଲେ। ଚଳିତ ବର୍ଷ ନିଆଁ ଲାଗିବା ପୂର୍ବରୁ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଞ୍ଚଳରେ ଅଗ୍ନି ପ୍ରତିରୋଧକ ରାସ୍ତା ତିଆରି କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟରେ ଆବଶ୍ୟକ ସହଯୋଗ ବନ ବିଭାଗ ତରଫରୁ ମଧ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଜଙ୍ଗଲରେ ପକ୍ଷୀଙ୍କ ପାଇଁ ଗଛ କୋରଡରେ ଓ ମାଟି ପାତ୍ରରେ ପାଣିର ବ୍ୟବସ୍ଥା କରିବା ପାଇଁ ପାନାପାରି ଗ୍ରାମର ମିନତୀ ମାଝୀ ମତ ରଖିଥିଲେ। ଅନ୍ୟପକ୍ଷେ ଆସନ୍ତା ୧୦ ତାରିଖ ମଧ୍ୟରେ ଟାକରା, ଭୋଗବାଡ଼ି, ତୁମାଣ୍ଡି ଏବଂ ଦୁଡ଼ା ଗ୍ରାମପଞ୍ଚାୟତରେ ଏହି ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ଗ୍ରାମସଭା ସମୂହ ତରଫରୁ ସହମତି ପ୍ରକାଶ ପାଇଥିଲା।

### ଋଣ ଶୁଝିବା ଚିନ୍ତାରେ ଆତ୍ମହତ୍ୟା

ବୈଶିଙ୍ଗା,୨୭ା୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଅଙ୍ଗାରୁଆ ଗ୍ରାମର ଜଣେ ବ୍ୟକ୍ତି ଫାଇନାନ୍ସ କମ୍ପାନୀର ଶୁଝିବା ଚିନ୍ତାରେ ବୁଧବାର ଅପରାହ୍ନରେ ଗଛରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସନାତନ ସିଂ(୫୫)। ଏନେଇ ମୃତ ସନାତନଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୬/୨୫) ରୁଜୁକରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସନାତନ ଏକ ଘରୋଇ ଋଣ ପ୍ରଦାନକାରୀ ସଂସ୍ଥାରୁ ଏସ୍‌ଏଚ୍‌ଜି ଗ୍ରୁପ୍ ଜରିଆରେ କିଛି ଟଙ୍କା ଋଣ ଆଣିଥିଲେ। ଉକ୍ତ ଋଣ ଟଙ୍କାକୁ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଧାରସୂତ୍ରରେ ଦେଇଥିଲେ। ହେଲେ ଦିନ ପରେ ଦିନ ଗଡ଼ି ଚାଲିଥିଲେ ବି ସମ୍ପର୍କୀୟ ଜଣକ ଋଣର ଗୋଟିଏ ହେଲେ କିସ୍ତି ସନାତନଙ୍କୁ ପରିଶୋଧ କରି ନ ଥିଲେ। ଫଳରେ ସନାତନ ମଧ ଋଣ ଟଙ୍କା ପରିଶୋଧ କରିପାରୁ ନ ଥିଲେ। ଋଣ ଦେଇଥିବା ସଂସ୍ଥାର କର୍ମଚାରୀମାନେ ବାରମ୍ବାର ଆସି ସନାତନଙ୍କ ଘରେ ପହଞ୍ଚି ତାଗିଦ କରୁଥିଲେ। ଏହାକୁ ନେଇ ତାଙ୍କ ପରିବାର ମଧ୍ୟରେ ଝଗଡ଼ା ହେଉଥିଲା। ବୁଧବାର ସନାତନ ଶୌଚହେବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଉ ଘରକୁ ଫେରି ନ ଥିଲେ। ପରେ ବିଲକୁ ଯାଇଥିବା ଗ୍ରାମବାସୀ ସନାତନଙ୍କ ଝୁଲନ୍ତା ମୃତଦେହ ଏକ ଗଛରେ ଦେଖି ତାଙ୍କ ପରିବାର ଲୋକ ଓ ପୋଲିସକୁ ଖବର ଦେଇଥିଲେ। ବୈଶିଙ୍ଗା ଥାନା ଏସ୍‌ଆଇ ଦେବାଶିଷ ମଣ୍ଡଳ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି।

# ପକ୍ଷୀମାନଙ୍କ ପାଇଁ କୃତ୍ରିମ ବସା ସ୍ଥାପନ



ଛାତ୍ରୀମାନେ ତିଆରି କରିଥିବା କୃତ୍ରିମ ବସାକୁ ଗଛରେ ଝୁଲାଉଛନ୍ତି।

ଓଡଗାଁ,୨୭ା୨(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ଛାତ୍ରୀଛାତ୍ର ପକ୍ଷୀମାନଙ୍କ ନିମନ୍ତେ କୃତ୍ରିମ ଉପାୟରେ ପ୍ରାକୃତିକ ପକ୍ଷୀ ବସା ନିର୍ମାଣ ପାଇଁ ଉଦ୍ୟମ କରିଛନ୍ତି। ଇକୋକ୍ଲବ୍ ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ଶିକ୍ଷୟିତ୍ରୀ ଅବନ୍ତୀ ବେହେରା ଓ ଇକୋ କ୍ଲବ ଛାତ୍ରୀଛାତ୍ରମାନଙ୍କୁ ନେଇ ନଡ଼ିଆ କତାରେ ପକ୍ଷୀମାନଙ୍କ ପାଇଁ ସୁନ୍ଦର ବସା ତିଆରି କରିବା ସହିତ ଏହାକୁ ନଡ଼ିଆ ଷଢ଼େଇରେ ରଙ୍ଗ ଦେଇ ପାଣି ଓ ଖାଦ୍ୟ ସହିତ ବିଦ୍ୟାଳୟ ହତା ଭିତରେ ଥିବା ଦେବଦାରୁ, ବଉଳ, ଆମ୍ବ, ଅଁଳା ଆଦି ଗଛରେ ଚଢ଼େଇମାନଙ୍କ ବସା ସ୍ଥାପନ କରିଥିଲେ। ଇକୋ କ୍ଲବ ଶିକ୍ଷକ ସାହୁଙ୍କୁ କ୍ରୀଡ଼ା ଶିକ୍ଷକ ଆଲୋକ ନାୟକ, ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# କୋଟଗଡ଼ ଆଶ୍ରମ ବିଦ୍ୟାଳୟରେ ଜିଲାପାଳ



ଜିଲାପାଳ ପିଲାମାନଙ୍କ ସହ ଆଲୋଚନା କରୁଛନ୍ତି।

ନୟାଗଡ଼,୨୭ା୨(ଲୋକନାଥ ମିଶ୍ର)

### ରନ୍ଧନ ଗ୍ୟାସରେ ରୋଷେଇ କରିବାକୁ ପରାମର୍ଶ

ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଗୁରୁବାର ରଣପୁର ବ୍ଲକ୍ କୋଟଗଡ ଆଶ୍ରମ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଓ ଭଲମନ୍ଦ ବିଷୟରେ ପଚାରି ବୁଝିଥିଲେ। ମନଦେଇ ପାଠ ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ କାଠ ପରିବର୍ତ୍ତେ ରନ୍ଧନ ଗ୍ୟାସରେ ରୋଷେଇ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ପରିଦର୍ଶନ ସମୟରେ ଜିଲା ମଙ୍ଗଳ ଅଧିକାରୀ ଉପସ୍ଥିତ ଥିଲେ।

# କାର୍ଯ୍ୟକ୍ଷମ ହେଲାନାହିଁ ମର୍ଦ୍ଦରାଜପୁର ସ୍ୱାସ୍ଥ୍ୟକେନ୍ଦ୍ର

- ୧୯ବର୍ଷ ତଳେ ଉଦ୍‌ଘାଟନ କରିଥିଲେ ତତ୍କାଳନୀ ମୁଖ୍ୟମନ୍ତ୍ରୀ
- ୩ମାସ ଚାଲିବା ପରେ ବନ୍ଦ ପଡ଼ିଥିଲା

ଖଣ୍ଡପଡ଼ା,୨୭ା୨(ଅଜୟ କୁମାର ମହାରଣା)

ବହୁଦିନର ଦାବି ଗତ ୧୯ବର୍ଷ ତଳେ ପୂରଣ ହୋଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମର୍ଦ୍ଦରାଜପୁରଠାରେ ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ହେଲେ ସେଦିନଠାରୁ ଆଜି ପର୍ଯ୍ୟନ୍ତ ସେହି ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ମର୍ଦ୍ଦରାଜପୁର, ବୋଦଶା, ବେଣାଗାଡ଼ିଆ ଓ ଖଳିସାହି ପଞ୍ଚାୟତର ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨୦୦୨ ମସିହାରେ ମର୍ଦ୍ଦରାଜପୁର ସରପଞ୍ଚ ବୈକୁଣ୍ଠନାଥ ଗୋଚ୍ଛିଙ୍କ ନିଜସ୍ୱ ଉଦ୍ୟମ ତଥା ଆର୍ଥିକ ସହାୟତାରେ ସେହି ପଞ୍ଚାୟତରେ ଏକ ଏଲୋପାଥିକ ଡ଼ାକ୍ତରଖାନା ନିର୍ମାଣ କାମ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସେହି କାମକୁ ଶେଷ କରିବା ପାଇଁ ତତ୍କାଳୀନ ବିଧାୟକ ଓ ଏମ୍‌ପିଙ୍କ ନିଜସ୍ୱ ପାଣ୍ଠି ସହାୟତା ମିଳିଥିଲା। ଗ୍ରାମାଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ ୨୦୦୪ ଫେବୃୟାରୀ ୧୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିର୍ମିତ ଏହି ବିଜୁ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି ନିଉ)କୁ ଉଦ୍‌ଘାଟନ କରିଥିଲେ। ଜଣେ ଡ଼ାକ୍ତରଙ୍କୁ ସପ୍ତାହରେ ୩ଦିନ ସେବା ଯୋଗାଇବା ପାଇଁ ନିଯୁକ୍ତି ଦିଆଯିବା ସହ ଜଣେ ନର୍ସ ଓ ଜଣେ ପିଅନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଥିଲା। ଆବଶ୍ୟକ ଔଷଧ ଓ ରୋଗୀମାନଙ୍କ ପାଇଁ ଖଟିଆ ଯୋଗାଇ ଦିଆଯାଇଥିଲା। ଅଧିକାଂଶ ସମୟରେ ଜଣେ ଫାର୍ମାସିଷ୍ଟ ଆସି ରୋଗୀ ସେବା କରୁଥିଲେ। ହେଲେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ହେବାର ୩ ମାସ ପରେ ସବୁ ଓଲଟପାଲଟ ହୋଇଯାଇଥିଲା। ନିଯୁକ୍ତି ପାଇଥିବା ଷ୍ଟାଫମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲେ ନାହିଁ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲିଥିଲା। ପରବର୍ତ୍ତୀ ସମୟରେ ତତ୍କାଳୀନ ସ୍ଥାନୀୟ ବିଧାୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ଓ ବିଧାୟକ ଅନୁଭବ ପଟ୍ଟନାୟକ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କୁ ଅବଗତ କରି ଆସୁଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମେଡିକାଲର ନିଜସ୍ୱ ଗୃହ, ଷ୍ଟାଫ୍ କ୍ୱାର୍ଟର୍ସ ଏବଂ ଆବଶ୍ୟକୀୟ ଭିତ୍ତିଭୂମି ରହିଥିବା ସମ୍ପର୍କରେ ଅନୁକୂଳ ମତ ପ୍ରକାଶ କରି ରାଜ୍ୟ ସରକାରଙ୍କୁ ଜଣାଇଥିବା ବେଳେ ଏହା ରାଜ୍ୟ ସରକାରଙ୍କ ପେଣ୍ଡିଂଲିଷ୍ଟର ୫୦ରେ ବିଚାରାଧୀନ ରହିଥିବା ପୂର୍ବତନ ସରପଞ୍ଚ ଗୋଚ୍ଛି ସୂଚନା ଦେଇଛନ୍ତି। ଗତ ୧୫ ତାରିଖରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ ପରିଦର୍ଶନରେ ଆସିଥିବା ବେଳେ ପୂର୍ବତନ ସରପଞ୍ଚ ଶାନ୍ତିପ୍ରିୟା ଗୋଚ୍ଛି, ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠାତା ଗୋଚ୍ଛି, ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଜନ୍ମେଜୟ ନାୟକ, ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣାଙ୍କ ସମେତ ବହୁ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ସହ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଲଡୁବାବାଙ୍କ ମନ୍ଦିର ପରିସର ସଫା କରାଗଲା

ଶରଣକୁଳ,୨୭ା୨(ଦୀପକ କର)

ଶରଣକୁଳ ଲଡୁବାବାଙ୍କ ପୀଠରେ ବୁଧବାର ପବିତ୍ର ମହାଶିବରାତ୍ରି ଅନୁଷ୍ଠିତ ହୋଇଥିଲା। ଏଥିରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିପାଇଁ ମନ୍ଦିର ପରିସର ସହିତ ଶରଣକୁଳ ଅଞ୍ଚଳରେ ନାନା ଆବର୍ଜନା ଜମା ହୋଇ ରହିଥିଲା। ଗୁରୁବାର ବହୁ ସ୍ୱେଚ୍ଛାସେବୀ ସେ ସବୁକୁ ସଫେଇ କରିଛନ୍ତି। ଶରଣକୁଳ ନିକଟବର୍ତ୍ତୀ ବାଉଁଶିଆସ୍ଥିତ 'ଆଶ୍ରୟ'ର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଅଳିଆ, ଆବର୍ଜନା, ପଲିଥିନ, ଦୀପ ଇତ୍ୟାଦିକୁ ସଫା କରାଯାଇଥିଲା। ଭୋର ୪ଟାରୁ ସକାଳ ୯ଟା ମଧ୍ୟରେ ମନ୍ଦିର ସିଂହଦ୍ୱାରରୁ ଆରମ୍ଭ କରି ମନ୍ଦିର ବେଢ଼ା, ପୋଖରୀ ଚତୁଃପାର୍ଶ୍ୱ ସହିତ ସମଗ୍ର ଶରଣକୁଳ ଅଞ୍ଚଳକୁ ସଫା କରାଯାଇଥିଲା। ଆସନ୍ତା ୨ ତାରିଖ ଦିନ ମା' ଝାଡେଶ୍ୱରୀଙ୍କ ପୀଠରେ ସମସ୍ତେ ସ୍ୱେଚ୍ଛାସେବୀ ଏକାଠି ହୋଇ ମାଆଙ୍କ ପୀଠକୁ ସଫେଇ କରିବେ। ଏହି ଅବସରରେ ଆଶ୍ରୟର ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଗତ ୩୫ ବର୍ଷ ଧରି ଆଶ୍ରୟର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ଲୋକନାଥ ଦାସଙ୍କ ନେତୃତ୍ୱରେ ଏହି ସେବାକାର୍ଯ୍ୟ ହୋଇ ଆସୁଛି।




ସଫେଇ କାର୍ଯ୍ୟରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ।

ଇଣ୍ଡିୟନ ବୈଂକ Indian Bank
ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍‌ର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତାମାନେ: ୧) ଜୟନ୍ତ କୁମାର ବେହେରା, ପିତା: କୃଷ୍ଣ ଚନ୍ଦ୍ର ବେହେରା, ୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା), ପିତା: ଭରତ ବେହେରା / ଗ୍ୟାରେଣ୍ଟିଦାତା: ଲିଲି ବେହେରା, ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିୟୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | **କୃଷ୍ଣ ଚନ୍ଦ୍ର ବେହେରା,** ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: |

କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

# ମାତୃଭାଷା ପ୍ରତି କମୁଛି ଆଦର, ବଢୁଛି ଆଶଙ୍କା

**ପଟ୍ଟାମୁଣ୍ଡାଇ, ୨୭।୨ (କଳ୍ପତରୁ ନାୟକ):**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ନୂଆ ଯୁବପିଢ଼ି କନ୍‌ଭେଣ୍ଟ ସ୍କୁଲ ଇଂରାଜି ଭାଷା ପ୍ରତି ଆଗ୍ରହ ବଢ଼ାଉଥିବାବେଳେ ଆମ ଗୌରବଶାଳୀ ମାତୃଭାଷା ଓଡ଼ିଆଠାରୁ ଦୂରେଇଯାଉଛନ୍ତି। ଫଳରେ ପିଲାମାନଙ୍କଠାରେ ଓଡ଼ିଆ ଭାଷା ଜ୍ଞାନର ଘୋର ଅଭାବ ଦେଖାଦେଲାଣି। ଅଧିକାଂଶ ମାତାପିତା ନିଜ ପିଲାଙ୍କୁ ଘରୋଇ ସ୍କୁଲରେ ପାଠ ପଢ଼ାଇବାକୁ ପସନ୍ଦ କରୁଛନ୍ତି। ଅଭିଭାବକମାନଙ୍କ ଏଭଳି ଆଭିମୁଖ୍ୟ ଓଡ଼ିଆ ଭାଷା ପ୍ରତି ପ୍ରତିକୂଳ ମାନସିକତା ସୃଷ୍ଟି କରୁଥିବାବେଳେ ପିଲାମାନେ ଇଂଲିଶ ଭାଷା ପ୍ରତି ଆକର୍ଷିତ ହେଇ ମାତୃଭାଷା ପ୍ରତି ବିମୁଖ ହେଉଛନ୍ତି। ସରକାରୀ ସ୍ତରରେ ମଧ୍ୟ ଭାଷା ପ୍ରୀତି ଦେଖିବାକୁ ମିଳୁନାହିଁ। ଫଳରେ ମାତୃଭାଷା ଏକ ମହାସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଭାଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ କହିଛନ୍ତି, ଆମ ମାତୃଭାଷା ଓଡ଼ିଆ ହେଉଛି ସମୃଦ୍ଧ ଓ ପ୍ରାଚୀନ ଭାଷା ଏବଂ ଶାସ୍ତ୍ରୀୟ ଭାଷାର ମାନ୍ୟତା ମଧ୍ୟ ପାଇଛି। ହେଲେ ମାତୃଭାଷା ପ୍ରତି ଆମ ନୂଆ ଯୁବପିଢ଼ିଙ୍କ ଆଦର କମି କମି ଚାଲିଥିବା ବେଳେ ଆମେ ଏବେ ଅସହାୟ ଅବସ୍ଥାରେ। ନା ନୂଆ ଶବ୍ଦ ସୃଷ୍ଟି କରୁଛୁ, ନା ଯାହା ଅଛି ତାକୁ ସୁରକ୍ଷା ଦେଇ ପାରୁଛୁ। ପ୍ରତି ୧୦ ବର୍ଷରେ ତିନି ଦଶମାଂଶ ପ୍ରତିଶତ ଲୋକ ଓଡ଼ିଆ ଭାଷା କହିବା, ଲେଖିବା ଓ ପଢ଼ିବାରୁ ବିରତ ହେଉଛନ୍ତି। ଆଧୁନିକ ଡିଜିଟାଲ ଦୁନିଆରେ 'ଓଡ଼ିଆ' ନିଜ ସ୍ଥିତିକୁ ଆଖିଦୃଶିଆ ଉପସ୍ଥାପିତ କରିପାରିନାହିଁ। ଡିଜିଟାଲ ମୋବାଇଲ, ଲାପ୍‌ଟପ୍ ଯୁଗରେ ଇଂ-ଓଡ଼ିଆ ଭାଷା ପ୍ରଚଳିତ ହେବାରେ ଲାଗିଛି। ଯୁବପିଢ଼ି ଓଡ଼ିଆ ଭାଷା କଥାକୁ ଇଂରାଜିରେ ଲେଖିଲେଣି। ନିଜ ଜନ୍ମମାଟିର ଭାଷା ପାଇଁ ଓକିଲାତି କରିବାକୁ କାହା ପାଖରେ ସମୟ ନ ଥିବା ବେଳେ ପୁଞ୍ଜି ପ୍ରତିଷ୍ଠା ପାଇଁ ଏକମୁହାଁ ହୋଇ ଧାଉଁଛନ୍ତି। ବୁଦ୍ଧିଜୀବୀ ଭବାନୀ ଶଙ୍କର ପଣ୍ଡା କହିଛନ୍ତି, ଓଡ଼ିଶାରେ ନିଯୁକ୍ତି ସୁଯୋଗ ନ ଥିବାରୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଧିକାଂଶ ଲୋକ ପ୍ରବାସୀ ଭାବେ ବାହାର ରାଜ୍ୟରେ ବସବାସ କରୁଛନ୍ତି। ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ତାଙ୍କ ପିଲାଙ୍କୁ ଓଡ଼ିଆ ଭାଷାରେ ପଢ଼ାଇବାକୁ ସେତେଟା ରୁଚି ରଖୁ ନ ଥିବାରୁ ପିଲାମାନେ ମଧ୍ୟ ମାତୃଭାଷା ପ୍ରତି ବିମୁଖ ହେଉଛନ୍ତି। ଓଡ଼ିଆ ପଢ଼ିଲେ ଚାକିରି କ୍ଷେତ୍ରରେ ଅଧିକ ସୁଯୋଗ ମିଳୁ ନ ଥିବା ଭାବି ମାତାପିତା ତାଙ୍କ ପିଲାକୁ ଇଂରାଜି ପଢ଼ାଇବାକୁ ମନ ବଳାଉଛନ୍ତି। ପାରିପାର୍ଶ୍ୱିକ ଅବସ୍ଥାରେ ହେଉ କି ଜାଣିଶୁଣି ହେଉ ଆଜିର ଅଭିଭାବକ ସେମାନଙ୍କ ପିଲାମାନଙ୍କୁ କନ୍‌ଭେଣ୍ଟ ସ୍କୁଲରେ ପାଠ ପଢ଼ାଇବାକୁ ବେଶି ଗୁରୁତ୍ୱାରୋପ କରୁଛନ୍ତି, ଯାହାକୁ ନେଇ ଆମ ମୌଳିକ କଥାବାର୍ତ୍ତା ଓ ଲେଖାରୁ କ୍ରମଶଃ ବହୁ ଶବ୍ଦ ହଜିଯାଉଛି। ଦିନ ଥିଲା ଜଗନ୍ନାଥ ଦାସଙ୍କ ଭାଗବତ ପଢ଼ିବାକୁ ଲକ୍ଷ ଲକ୍ଷ ଲୋକ ଓଡ଼ିଆ ଶିଖୁଥିଲେ। ଏବେ କିନ୍ତୁ ଓଡ଼ିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢ଼ିବାରେ ଆମର ଆଗ୍ରହ ନାହିଁ। ଯୁବପିଢ଼ି ପତ୍ରପତ୍ରିକା, ଖବରକାଗଜ, ଗଳ୍ପ ଓ କବିତା ବଦଳରେ ମୋବାଇଲ ପ୍ରେମରେ ପଡ଼ିଯାଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ସାଧାରଣରେ ଆଲୋଚନା ହେଉଛି ଓଡ଼ିଆ ପଢ଼ିଲେ କ'ଣ ପେଟ ପୂରିବ। ଇଂରାଜି ଭାଷା ଶିଖିଲେ ଚାକିରି ବା କାମ ମିଳିବାର ସୁଯୋଗ ଅଛି ବୋଲି ଗରିବ ଲୋକ ମଧ୍ୟ ପେଟରୁ କାଟି ସଞ୍ଚୟ କରି ନିଜ ପିଲାମାନଙ୍କୁ ଇଂରାଜି ଶିକ୍ଷା ଦେଉଛନ୍ତି। ଯଦି ମାତୃଭାଷା ଜୀବିକା ନିର୍ବାହର ଏକ ପନ୍ଥା ହେବ ତା'ହେଲେ ପିଲାମାନେ ନିଶ୍ଚୟ ଓଡ଼ିଆ ପଢ଼ିବାକୁ ଇଚ୍ଛା ପ୍ରକାଶ କରିବେ। ବିଜ୍ଞାନ ଆଇନ ପ୍ରଶାସନିକ କ୍ଷେତ୍ରରେ ଯଦି ଓଡ଼ିଆ ଭାଷା କାର୍ଯ୍ୟକାରୀ ହୁଏ ତା'ହେଲେ ଓଡ଼ିଆ ଭାଷା ପ୍ରତି ଆଦର ଭାବ ପ୍ରକାଶ ପାଇବ। ସରକାରୀ ଫାଇଲ, କୋର୍ଟ କଚେରି କାଗଜପତ୍ର, ପ୍ରଯୁକ୍ତି ବିଦ୍ୟା, ଭେଷଜ ବିଜ୍ଞାନ, କମ୍ପ୍ୟୁଟର, ଉଦ୍ଭାବନ ଓ ଗବେଷଣାରେ ଓଡ଼ିଆ ଭାଷା ମୁଖ୍ୟ ଭାଷା ହେବା ଦରକାର। ଡିଜିଟାଲ ବିଶ୍ୱରେ ଓଡ଼ିଆ ଅଧିକ ଲୋକଙ୍କ ପାଖରେ ପହଞ୍ଚୁ। ସରକାର ଆଇନ ଆଣିଲେ ସବୁଠି ଓଡ଼ିଆ ଭାଷା ଅବହେଳା ଓ ଅଣଦେଖାର ଶିକାରରୁ ବଞ୍ଚିତ ହେବ। ଆଇନଜୀବୀ ସୌମ୍ୟ ଧଳ କହିଛନ୍ତି, ରାଜ୍ୟରେ ସମସ୍ତେ ଇଂରାଜି ଭାଷା ପ୍ରେମରେ ଯୁବପିଢ଼ି ପଡ଼ିଛନ୍ତି। ଆମ ଓଡ଼ିଆ ଭାଷା ବର୍ତ୍ତମାନ ଦୟନୀୟ ସ୍ଥିତିରେ। ଇଂରାଜି ମିଡିୟମ ସ୍କୁଲଗୁଡ଼ିକରେ ଓଡ଼ିଆ ପଢ଼ାଯାଉନାହିଁ। ଇଂରାଜି ଭାଷା ପ୍ରୀତିରେ ପିଲାମାନେ ମାତୃଭାଷାଠାରୁ ମୁହଁ ଫେରାଉଛନ୍ତି। ଦିନକୁ ଦିନ ଏପରି ହେଲେ ଦିନ ଆସିବ ଓଡ଼ିଆ ଭାଷାର ଅସ୍ତିତ୍ୱ ରହିବ ନାହିଁ। ସରକାର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର।

## ନୂଆ ପିଢ଼ିଙ୍କ ଇଂରାଜି ଭାଷା ପ୍ରତି ବଢୁଛି ଆଗ୍ରହ




# ଏମ୍‌ପି, ବିଧାୟିକାଙ୍କ ମଧ୍ୟରେ କଥା କଟାକଟି



ବୈଠକରେ ଏମ୍‌ପି ଏବଂ ବିଧାୟିକାଙ୍କ ମଧ୍ୟରେ ହଟ୍ଟଗୋଳ ଚାଲିଛି।

**ଦଶରଥପୁର/ଝୁମ୍ପୁରୀ, ୨୭।୨ (ସୁଶାନ୍ତ କୁମାର ବେହୁରିଆ/ସରୋଜ ନାୟକ):**

### ଧାନ କଟ୍‌ନି ଛଟନିକୁ ନେଇ ଦଶରଥପୁର ପଞ୍ଚାୟତ ସମିତି ବୈଠକରେ ଉତ୍ତେଜନା

- ଏମ୍‌ପିଙ୍କ ଉତ୍ତରକୁ ନେଇ ତାତିଲେ ବିଧାୟିକା, ଜିଲା ପରିଷଦ ସଭ୍ୟା, ସମିତିସଭ୍ୟାସଭ୍ୟ ଓ ସରପଞ୍ଚ

ଯାଜପୁର ଜିଲା ଦଶରଥପୁର ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ପରିଷଦ ବୈଠକ ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରୁ ହୋହଲ୍ଲା ଓ ହଟଗୋଳ ହୋଇଛି। ଧାନ କଟ୍‌ନି ଛଟନିକୁ ନେଇ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଓ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ମଧ୍ୟରେ କଥା କଟାକଟି ହୋଇଛି। ପରେ ଉତ୍ତେଜନା ପ୍ରକାଶ ପାଇଛି। ଏଥିରେ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ନଷ୍ଟ ହେବାପରେ ପ୍ରକୃତ ପ୍ରସଙ୍ଗ ଆଲୋଚନା ହୋଇ ନ ପାରି ବୈଠକ ଶେଷ ହୋଇଛି।

ବିଡିଓ ଆକାଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲି ମଲ୍ଲିକ, ବିଜେଡିର ୩ ଜିଲା ପରିଷଦ ସଭ୍ୟାଙ୍କ ସହ ୩୫ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ।

ପ୍ରଥମରୁ ଏଜେଣ୍ଡାରେ ଥିବା ପ୍ରସଙ୍ଗକୁ ଛାଡ଼ି ଧାନ କଟ୍‌ନି ଛଟନିକୁ ନେଇ ବିଧାୟିକା ପ୍ରମିଳା ମଲ୍ଲିକ ଏମ୍‌ପିଙ୍କୁ ପ୍ରଶ୍ନ ପଚାରିଥିଲେ। ତେବେ ଅଭିଯୋଗ ଆସିଲେ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏମ୍‌ପି କହିବା ସହ ଆମ ଦଳର ଏଠି ବିଧାୟକ ନ ଥିବାରୁ ଦଳ ଏଠାରେ ଧାନ କିଣାରେ କେହି ମୁଣ୍ଡ ଖେଳାଉ ନ ଥିବା ଉତ୍ତର ରଖିଥିଲେ। ଏହାପରେ ବୈଠକରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଧାୟିକା ପ୍ରମିଳାଙ୍କ ସହ ଯାଜପୁର ବିଧାୟିକା ସୁଜାତା ଏହାକୁ ବିରୋଧ କରିଥିଲେ। ସେମାନେ କହିଥିଲେ, ଏମ୍‌ପି ଭାବେ ସବୁ ଚାଷୀଙ୍କର ସ୍ୱାର୍ଥ ରକ୍ଷା କରିବା ତାଙ୍କର କର୍ତ୍ତବ୍ୟ। ହେଲେ ବିଧାୟକ ନ ଥିବାରୁ କର୍ତ୍ତବ୍ୟ ଭୁଲି ଏପରି କଥା କହିବା ଆଦୌ ସମୀଚୀନ ନୁହେଁ ବୋଲି କହି ପ୍ରତିବାଦ କରିଥିଲେ। ଏହି ସମୟରେ ୬ ନମ୍ବର ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ୭ ନମ୍ବର ଜିଲା ପରିଷଦ ସଭ୍ୟା ନୀନାରାଣୀ ସାମଲ, ୫ ନମ୍ବର ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ବିରୁହାଁ ସମିତିସଭ୍ୟ ଲକ୍ଷ୍ମୀକାନ୍ତ ସାମଲ, ସୁସୁଆ ସରପଞ୍ଚ ବୃନ୍ଦାବନ ସାମଲ, ଚଷାଖଣ୍ଡ ସରପଞ୍ଚ ପ୍ରତିଭା ମଲ୍ଲିକ, ବିରଜାପୁର ସରପଞ୍ଚ ନିରାକାର ସାହୁ ପ୍ରମୁଖ ହଠାତ୍ ଏମ୍‌ପି ବସିଥିବା ପୋଡିୟମ ନିକଟକୁ ଆସି ପ୍ରତିବାଦ କରିବା ସହ ତାସଲ୍ୟ କରି ବିଭିନ୍ନ ପ୍ରକାର ଭାଷା ପ୍ରୟୋଗ କରିଥିଲେ। ଏପରି ହଟଗୋଳ ଦୃଶ୍ୟକୁ ବିଧାୟିକା ବିରୋଧ କରିବା ପରିବର୍ତ୍ତେ ଉପଭୋଗ କରୁଥିବାବେଳେ ଅନ୍ୟ ସରପଞ୍ଚ, ସମିତି ସଭ୍ୟମାନେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଘଟଣାକୁ ଦେଖୁଥିଲେ। ଉତ୍ତେଜିତ ସଦସ୍ୟଙ୍କ ସହ ଏମ୍‌ପିଙ୍କ କଥା କଟାକଟି କିଛିସମୟ ଚାଲିବା ପରେ କେତେଜଣ ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ୍ କର୍ମଚାରୀ ବୁଝାଶୁଝା କରି ଉତ୍ତେଜିତ ଥିବା ସଭ୍ୟମାନଙ୍କୁ ନିଜ ଆସନକୁ ନେଇ ବସାଇଥିଲେ। ମାତ୍ର ଅଳ୍ପସମୟ ପାଇଁ ବୈଠକ ଅନୁଷ୍ଠିତ ହୋଇ ଶେଷ ହୋଇଥିଲା। ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ପାଇଁ ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକ ଅନୁଷ୍ଠିତ ହେବାକୁ ଏଜେଣ୍ଡା ଥିବାବେଳେ ୩ ଘଣ୍ଟା ହଟଗୋଳ କରି ପଞ୍ଚାୟତ ସମିତିର କିଛି ସଭ୍ୟାସଭ୍ୟ ଏମ୍‌ପିଙ୍କୁ ଅପମାନ କରିବାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏମ୍‌ପି ସରକାରୀସ୍ତରରେ ଯୋଗ ଦେଉଥିବା ବିଭିନ୍ନ ବୈଠକରେ ବିଜେଡି, ଭାଜପା ମନୋଭାବ ନେଇ ବକ୍ତବ୍ୟ ଦେବା ଆଦୌ ସମୀଚୀନ ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତପୋଷଣ କରିଛନ୍ତି।

## ଜାହାଜ ଡେକ୍‌ରୁ ଖସି ଶ୍ରୀଲଙ୍କା ଚିଫ୍ ଅଫିସର ଆହତ

### -ଅସାବଧାନତାବଶତଃ ଖସି ପଡିଲେ

**ପାରାଦୀପ, ୨୭।୨ (ଶରତ ରାଉତ):**

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ବହୁମୁଖୀ ବର୍ଥରେ ଗୁରୁବାର ଅଘଟଣ ଘଟିଛି। ଜାହାଜରେ ପଣ୍ୟ ବୋଝେଇ ସମୟରେ ଚିଫ୍ ଅଫିସର ଯାଞ୍ଚ କରିବା ବେଳେ ଡେକ୍‌ରୁ ଖସି ଚଟାଣ ଉପରେ ପଡ଼ିଯାଇଥିଲେ। ତାଙ୍କୁ ଜାହାଜ କର୍ମଚାରୀମାନେ ତୁରନ୍ତ ଉଦ୍ଧାର କରି ପୋର୍ଟ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବନ୍ଦର ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ଆବଶ୍ୟକତା ଅନୁସାରେ ପରୀକ୍ଷା କରାଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ସେ ବିପଦମୁକ୍ତ ଥିବା ଜଣାପଡ଼ିଛି। ଆହତ ଚିଫ୍ ଅଫିସର ହେଲେ ଶ୍ରୀଲଙ୍କା କଲମ୍ବୋ ଅଞ୍ଚଳର ଆଶେଲା ଆଶଙ୍କା ମୋହନ (୪୪)। ସେ ଏମ୍‌ଭି ଆଲୋରା ନାମକ ଜାହାଜରେ ଚିଫ୍ ଅଫିସର ଅଛନ୍ତି। ଜାହାଜଟି ବାର୍ବାଡୋଶରୁ ପାରାଦୀପ ଆସିଛି। ଏଠାରୁ ଲୁହାପଥର ନେଇ ଚାଇନା ଯିବାର ଥିଲା। ସକାଳ ୯ଟା ବେଳେ ଲୁହାପଥର ବୋଝେଇ ସମୟରେ ଏପରି ଘଟଣା ଘଟିଥିବା ଜଣାପଡ଼ିଛି। ସଂପୃକ୍ତ ଅଫିସର ଏବେ ଜାହାଜରେ ଯାଇପାରିବେ ନାହିଁ। ଡାକ୍ତର ଫିଟନେଶ ସାର୍ଟିଫିକେଟ ଦେଲେ ଜାହାଜ କମ୍ପାନୀ ତାଙ୍କୁ ସ୍ୱଦେଶ ପଠାଇବେ ବୋଲି ଇମିଗ୍ରେଶନ ବିଭାଗ ସୂତ୍ରରୁ ସୂଚନା ମିଳିଛି।



ଆହତ ଆଶେଲା ଆଶଙ୍କା ମୋହନ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପ୍ତିରଞ୍ଜନ



@ ହରନାରାୟଣ



@ ପ୍ରଶାନ୍ତ



@ ସୌମ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଘରୁ ଚୋରି ଅଭିଯୋଗ

**ପାଣିକୋଇଲି, ୨୭।୨ (ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଛୋଟରାୟପୁର ଗ୍ରାମରେ ଏକ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ସୌମ୍ୟରଞ୍ଜନ ପଟ୍ଟନାୟକ ଜାଗର ଦୀପ ଜାଳିବା ଲାଗି ସପରିବାରେ ବୁଧବାର ଅପରାହ୍ନ ୩ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ମନ୍ଦିର ଯାଇଥିଲେ। ଏହି ସୁଯୋଗରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘର ଚାବି ଭାଙ୍ଗି ୪୦ ହଜାର ଟଙ୍କା ସମେତ ସୁନା ଅଳଙ୍କାର ଲୁଟ୍ କରିଥିଲେ। ଘରକୁ ଫେରିବା ପରେ ମୁଖ୍ୟ ଗେଟର ତାଲା କଟାଯାଇ ଚୋରି ହୋଇଥିବା ସୌମ୍ୟରଞ୍ଜନ ଦେଖିବାକୁ ପାଇଥିଲେ। ପରେ ସେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଗହୀରମଥାରୁ ଟ୍ରଲର ଜବତ: ୯ ମତ୍ସ୍ୟଜୀବୀ ଗିରଫ

**କେନ୍ଦ୍ରାପଡ଼ା, ୨୭।୨ (ଜଗନ୍ନାଥ ଧଳ):**

ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ବେଆଇନ ଭାବେ ମାଛ ମାରୁଥିବା ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗୁରୁବାର ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ଗହୀରମଥାର ଏକକୁଳା ନିକଟରେ ମା' ଦୀପାନିତ-୧ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୨୦ କୁଇଣ୍ଟାଲ ମାଛ, ୧ ଟି ଜିପିଏସ୍, ୧ଟି ଭିଏଚ୍‌ଏଫ୍, ୧ଟି ଫିସ୍‌ଫାଇଣ୍ଡର, ୧୨ଟି ଜାଲ ଓ ଦୁଇଟି ମୋବାଇଲ ଜବତ କରିଛି। ଟ୍ରଲର ଥିବା ମତ୍ସ୍ୟଜୀବୀମାନେ ହେଲେ ମାନସ ଖାଣ୍ଡା, ବାଦଲ ପାଲ, କାର୍ତ୍ତିକ ଦାସ, ତପନ ଜାନା, ଶଙ୍କର ଗିରି, ଶିବ ଶଙ୍କର ସାହୁ, ଝାଡେଶ୍ୱର ଭୂୟାଁ, ସୁବ୍ରତ ମିସ୍ତ୍ରି, ବିଦ୍ୟୁତ୍ ପରମାଣିକ। ସେମାନଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ରେ ମକଦ୍ଦମା ରୁଜୁକରି କୋର୍ଟ ଚାଲାଣ କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡ଼ା ଜିଲା ତାଳଚୁଆ ମେରାଇନ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।




ଜବତ ଟ୍ରଲର ସହ ଗିରଫ ମତ୍ସ୍ୟଜୀବୀ।

# ବୈଠକକୁ ବିଭାଗୀୟ ଅଧିକାରୀଙ୍କୁ ବାରଣ

### ଗରଦପୁର ପଞ୍ଚାୟତ ସମିତି ବୈଠକ

- ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବା ପାଇ ଖବରଦାତାଙ୍କୁ ବାରଣ
- ସରପଞ୍ଚ, ସମିତି ସଭ୍ୟାସଭ୍ୟ ଚୁପ୍ ନେଇ ସନ୍ଦେହ
- ଚିଠି କରି ଭୁଲ୍ କରିଛି ବିଡିଓ

**ପାଟକୁରା, ୨୭।୨ (ରବୀନ୍ଦ୍ର ନାଥ ବାରିକ)**



ବୈଠକ ଚାଲିଥିବାବେଳେ ଖବରଦାତାମାନେ ବାହାରେ ବସିଛନ୍ତି।

ଗରଦପୁର ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ଗୁରୁବାର ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ହେଲେ ପ୍ରଥମଥର ଲାଗି କୌଣସି ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ବୈଠକରେ ନ ରହିବା ବିଲକ୍ଷଣ ଦେଖାଯାଇଛି। ବ୍ଲକ୍ ଅଧ୍ୟକ୍ଷ କୌଣସି ଅଧିକାରୀ ବୈଠକରେ ରହିପାରିବେନି ବୋଲି ନିର୍ଦ୍ଦେଶ ଦେବା ପରେ କେବଳ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ସାମିଲ ହୋଇଥିଲେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ କି ଆଜିର ବୈଠକରେ ଉପସ୍ଥିତ ରହିବାକୁ ଖବରଦାତାମାନଙ୍କୁ ଚିଠି କରାଯାଇଥିଲା। କିନ୍ତୁ ବୈଠକ ଆରମ୍ଭ ହେବାବେଳକୁ ଖବରଦାତାମାନଙ୍କୁ ବାରଣ କରାଯାଇ ସେମାନଙ୍କ ଉପରେ ବ୍ଲକ୍ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯାଇଥିଲା। ଏପରିକି କୌଣସି ମତେ ଖବର ପଦାକୁ ନ ଯାଏ ସେଥିପାଇ ଅଧ୍ୟକ୍ଷ ସମ୍ପୂର୍ଣ୍ଣ ବ୍ୟବସ୍ଥା କରିଥିଲେ। ବୈଠକରେ ବ୍ଲକ୍ ଅଧ୍ୟକ୍ଷ ଅଭୟ ମହାରଜଙ୍କ ସଭାପତିତ୍ୱରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମେତ ସମସ୍ତ ପଞ୍ଚାୟତ ସରପଞ୍ଚ, ସତିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ବୈଠକରେ ୫ଟି ବିଦ୍ୟାଳୟର ଉନ୍ନତୀକରଣ ଉପରେ ବ୍ୟାପକ ଦୁର୍ନୀତିକୁ ନେଇ ପାଟକୁରା ସମିତିସଭ୍ୟ ରାକେଶ ମହାପାତ୍ର କନିଷ୍ଠଯନ୍ତ୍ରୀଙ୍କ ଉପରକୁ ଡାଏରି ପକାଇବା ନେଇ ସେତେବେଳେ ବହୁ ଆଲୋଡନ ସୃଷ୍ଟି କରିଥିଲା। ଖାଲି ସେତିକି ନୁହେଁ ପୂର୍ବତନ ବିଧାୟିକା ସାବିତ୍ରୀ ଅଗ୍ରୱାଲା କ୍ରୀଡ଼ାର ବିକାଶ ପାଇଁ ପ୍ରତ୍ୟେକ ପଞ୍ଚାୟତକୁ ୨ ଲକ୍ଷ ୫୦ ହଜାର ଟଙ୍କା ୫ଟି ଅନୁଦାନରେ ମଞ୍ଜୁର କରାଇଥିଲେ। ଏହି ଅନୁଦାନରେ ପଞ୍ଚାୟତଗୁଡ଼ିକ ଖେଳ ସାମଗ୍ରୀ କ୍ରୟ କରିବା କଥା। କିନ୍ତୁ ବ୍ଲକ୍ ପ୍ରଶାସନ ଆଇନକୁ ଫୁଙ୍କରି ୧୮ ପଞ୍ଚାୟତ ପାଇଁ ୪୫ ଲକ୍ଷ ଟଙ୍କାର ଖେଳ ସାମଗ୍ରୀ କ୍ରୟ କଲା। ଏଥିରେ ମୋଟା ଅଙ୍କର ମୁନାଫା ରଖିବା ଫଳରେ ପଞ୍ଚାୟତଗୁଡ଼ିକ ଖେଳ ସାମଗ୍ରୀକୁ ବ୍ଲକ୍‌ରୁ ଗ୍ରହଣ କଲାନାହିଁ। ବ୍ଲକ୍‌ର କେତେଜଣ କର୍ମଚାରୀ ମଧ୍ୟସ୍ଥ ସାଜିବାରୁ ସରପଞ୍ଚମାନେ ରାଜି ହୋଇ ଖେଳ ସାମଗ୍ରୀଗୁଡ଼ିକ ନେଇଥିଲେ। ତେବେ ଏବେ ସେ ସମୟ ବଦଳିଯାଇଛି, କେତେଜଣ ସରପଞ୍ଚ ଓ ସମିତିସଭ୍ୟାସଭ୍ୟ ଭାଜପାରେ ମିଶିଛନ୍ତି। ସେତେବେଳର ଜିପିଓ ଉକ୍ତ ଖେଳ ସାମଗ୍ରୀ ପାଇ ଦାୟିତ୍ୱ ନେଇଥିଲେ। ସେଥିପାଇ କାଳେ ଏଭଳି ଦୁର୍ନୀତି ପାଇଁ ସରପଞ୍ଚ ହଟଗୋଳ କରି ତଦନ୍ତ ପାଇ ଦାବି କରିବେ ସେଥିନେଇ ଖବରଦାତାମାନଙ୍କୁ ବାରଣ କରାଯାଇଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ସେପଟେ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇ ବ୍ଲକ୍ ପ୍ରଶାସନ ଏଭଳି କଠୋର ପଦକ୍ଷେପ ନେଇ ପାରିଥାନ୍ତି ବୋଲି ଭାଜପା ନେତା ତଥା ସାଂସଦଙ୍କ ବ୍ଲକ ପ୍ରତିନିଧି ଚିତ୍ତ ରଞ୍ଜନ ଚୌଧୁରୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେ ସୂଚନା ଅଧିକାର କର୍ମୀ ପଦ୍ମ ଚରଣ ସାହୁ ସୂଚନା ମାଗିଲା ପରେ ମଧୁଶାସନ ପଞ୍ଚାୟତରେ ୪୧୦ଟି ପାଇଖାନା ଖାଇଯିବା ସହ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ୨୧ଟି ଆର୍ବଜନା କୁଣ୍ଡ ନିର୍ମାଣ ନ କରି ପ୍ରାୟ ୮ ଲକ୍ଷ ଟଙ୍କା ମହାଦୁର୍ନୀତି ବି ସାଧାରଣରେ ଆଲୋଚନା ହେଉଛି। ବୈଠକ ସରିବା ପରେ ବିଧାୟକ ମହାପାତ୍ର ଖବରଦାତାମାନେ ବସିଥିବା ସ୍ଥାନକୁ ଆସି ଏ ବିଷୟରେ ପରେ କଥା ହେବାକୁ କହିଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷ ଅଭୟ ମହାରଜଙ୍କୁ ପଚାରିବାରେ ସେ କୌଣସି ଉତ୍ତର ନ ଦେଇ ଚାଲି ଯାଇଥିଲେ। ବିଡିଓ ଆଲୋକ ସେଠୀଙ୍କୁ ପଚାରିବାରେ ପଞ୍ଚାୟତ ସମିତି ବୈଠକକୁ ଖବରଦାତାମାନଙ୍କୁ ଡକାଇବା କୌଣସି ନିୟମ ନାହିଁ। ବୈଠକକୁ ଖବରଦାତାମାନେ ଆସିବା ପାଇ ଚିଠି କରିବା ଭୁଲ୍ ହୋଇଛି ବୋଲି ସେ କହିଛନ୍ତି। ବିଡିଓଙ୍କ ଏଭଳି ଦାୟିତ୍ୱହୀନ ମନ୍ତ୍ୟବ୍ୟକୁ ନେଇ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି।

# ଆମ ଓଡ଼ିଶା, ନବୀନ ଓଡ଼ିଶା କାମକୁ ନେଇ ହୋହଲ୍ଲା

- କାମ ବନ୍ଦ ନେଇ ସରକାରଙ୍କ ଚିଠି ମାଗିଲେ ବିଧାୟକ
- ଯନ୍ତ୍ରୀଙ୍କ ମୃତ୍ୟୁ ପରେ ପିଛିଲା ତାରିଖରେ ବିଲ୍
- ସରକାରୀ କର୍ମଚାରୀ ରାଜନୀତି ନ କରିବାକୁ ପରାମର୍ଶ

ନୂଆଗାଁ, ୨୭।୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ଗୁରବାର ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ ସମସ୍ତ ବିଭାଗର କର୍ମଚାରୀ କିମ୍ବା ଅଧିକାରୀ ଯୋଗ ଦେଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକ ବିଳମ୍ବ ସତ୍ତ୍ୱେ ସବୁ ବିଭାଗର ଅଧିକାରୀ ଆସି ନ ଥିବାରୁ ବୈଠକ ନ କରିବାକୁ କେତେଜଣ ଜନପ୍ରତିନିଧି ଅଡି ବସିଥିଲେ। ଯେଉଁ ବିଭାଗର ଅଧିକାରୀମାନେ ଆସୁ ନାହାନ୍ତି ସେମାନଙ୍କୁ ନୋଟିସ କରିବା ପାଇଁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଥିଲେ। ବୈଠକର ମୁଖ୍ୟ ଏଜେଣ୍ଡା ବିକଶିତ ଗାଁ ବିକଶିତ ଓଡ଼ିଶା ବିଷୟରେ ଆଲୋଚନା ହେବା ପୂର୍ବରୁ ପ୍ରଥମେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାକୁ ନେଇ ହୋହଲ୍ଲା ହୋଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶା କାମକୁ ବନ୍ଦ କରିବା ପାଇଁ ସରକାରଙ୍କ ଚିଠି ହୋଇ ନ ଥିବା ବେଳେ ବ୍ଲକ ପ୍ରଶାସନ ଉଦ୍ଦେଶ୍ୟମୂଳକ ଭାବେ କାମ ବନ୍ଦ କରିଛି। ଯଦି କାମ ବନ୍ଦ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି ତେବେ ଚିଠି ଦେଖାଅ। ଚିଠି ନ ଦେଖାଇଲେ ଶୁକ୍ରବାରଠାରୁ ଜନ ପ୍ରତିନିଧିମାନେ ଜବରଦସ୍ତ କାମ ଆରମ୍ଭ କରିବେ ବୋଲି ବିଧାୟକ ବେହେରା କହିଥିଲେ। ୪ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲେ ମଧ୍ୟ ସେଗୁଡିକ କାମ କରାଯାଉ ନାହିଁ ବୋଲି ରିପୋର୍ଟ ଦାଖଲ କରାଯାଇଛି। ତେଣୁ ଉକ୍ତ ୪ ପ୍ରକଳ୍ପ କାମ କେବେ ଆରମ୍ଭ କରାଯିବ କି ନାହିଁ ବୋଲି ବିଡିଓ ଜଣାନ୍ତୁ। ନଚେତ୍ ସରପଞ୍ଚ,ସମିତି ସଭ୍ୟମାନେ ବ୍ଲକରେ ବସିବେ ବୋଲି ବିଧାୟକ କହିଥିଲେ। ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ରିପୋର୍ଟରେ ତାଳମେଳ ରହୁ ନାହିଁ। ସରକାରୀ କର୍ମଚାରୀମାନେ ରାଜନୀତି କରନ୍ତୁ ନାହିଁ ବୋଲି ବିଧାୟକ ତାଗିଦ୍ କରିଥିଲେ। ନୂଆଗାଁ ବ୍ଲକରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ ପରେ ପିଛିଲା ତାରିଖ ପକାଇ ଗୋଟିଏ ପ୍ରକଳ୍ପର ବିଲ୍ କରାଯାଇଥିବା ନେଇ ବିଧାୟକ ଅଭିଯୋଗ ଆଣିଥିଲେ। ପ୍ରକଳ୍ପର ନାମ ଏମିତି ନ କହି ମୁଁ ଚିଠି ମାଧ୍ୟମରେ ପ୍ରମାଣ ସହ ଜଣାଇବି ବୋଲି କହିଥିଲେ। ନୂଆଗାଁ ବ୍ଲକର ଠିକାଦାର ଥାଇ ମଧ୍ୟ ବାହାର ଠିକାଦାର ଆସି ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅଣଦେଖା କରି ନୂଆଗାଁ ବ୍ଲକରେ କାମ କରୁଛନ୍ତି। ହେଲେ କୌଣସି କାମକୁ ଠିକ୍ ସମୟରେ ଶେଷ କରୁନାହାନ୍ତି। ସରକାରୀ କର୍ମଚାରୀମାନଙ୍କୁ ରାଜନୈତିକ ଚାପରୁ ମୁକ୍ତ ରଖିଲେ ଠିକ କାମ ହେବ ବୋଲି ଉଦୟପୁର ସରପଞ୍ଚ ମମତା ବେହେରା କହିଥିଲେ। ବୈଠକର ଅଧିକ ସମୟ ଆମ ଓଡ଼ିଶା ନବୀନ ଓଡ଼ିଶା କାମକୁ ନେଇ ହୋହାଲ୍ଲା ହୋଇଥିଲା। ପାନୀୟ ଜଳ ସମସ୍ୟା ଆଲୋଚନା ବେଳେ କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ଓ ଜନ ପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସ୍ୱଚ୍ଛ ଭାରତ ଅଭିଯାନରେ ଥିବା ଅନୁଦାନ ଖର୍ଚ୍ଚ ନ ହୋଇ ପଡି ରହିଥିବା ବ୍ଲକ ସଂଯୋଜକ କାହ୍ନୁ ଚରଣ ବେହେରା କହିଥିଲେ। ଏହି ଅଧିବେଶନରେ ବିଧାୟକ ବେହେରା, ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ବେହେରା, ଉପାଧ୍ୟକ୍ଷ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ଭୀମସେନ ସେଠୀ, ବିଡିଓ ଅମୃତ କୁମାର ରାଉଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଅଧିବେଶନରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି।

# ଶିରିଡିସାଇ ବାବାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ନୟାଗଡ଼, ୨୭।୨ (ଲୋକନାଥ ମିଶ୍ର)

ନୟାଗଡ଼ ସହର ଉପକଣ୍ଠ ତୁଳସୀପୁର ଠାରେ ଶିରିଡିସାଇ ବାବାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଦୁଇ ଦିନ ଧରି ପାଳିତ ହୋଇ ଯାଇଛି। ଏହି ଅବସରରରେ ଶିମିଳିସାହି ନଦୀରୁ କଳସ ଶୋଭାଯାତ୍ରା ବାହାରି ତୁଳସୀପୁର, ଝୁମ୍ପୁରୀ, କଳାହାଣ୍ଡି ଓ ନୟାଗଡ଼ ସହର ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲା। ପରେ ଯଜ୍ଞ ଓ ଶୋଡଷ ଉପଚାରରେ ପୂଜା ବିଧି କରାଯାଇଥିଲା। ଶେଷରେ ସାଇବାବାଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ଏ ଅବସରରେ ଦୃଷ୍ଟିହୀନମାନଙ୍କ ଦ୍ୱାରା ସାଇ ଭଜନ, ରାମଲୀଳା, ସଂକୀର୍ତ୍ତନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାତ୍ର ସାଢ଼େ ୮ଟାରେ ଚଭାଡି ଯାତ୍ରା ମୁଖ୍ୟ ଆକର୍ଷଣ ଥିଲା। ଚଭାଡି ଯାତ୍ରାରେ ବାବାଙ୍କର ଚଳନ୍ତି ପ୍ରତିମାଙ୍କୁ ଏକ ଶୋଭାଯାତ୍ରାରେ ନୟାଗଡ଼ ପୁରୁଣା ସହର, ଝୁମ୍ପୁରି, କଳାହାଣ୍ଡି, ତୁଳସୀପୁର ପ୍ରମୁଖ ଅଞ୍ଚଳରେ ପରିକ୍ରମା କରାଯାଇଥିଲା। ଏହାକୁ ଅନୁଷ୍ଠାନର ସଭାପତି ଶ୍ରୀକାନ୍ତ ଖଟେଇ, ସମ୍ପାଦକ ବୈଦ୍ୟନାଥ ମହାପାତ୍ର, ସଭ୍ୟ ଗୋଦାବରୀ ସାହୁ, ପ୍ରଦୀପ କୁମାର ସାହୁ, ମୁଥାଗାଡିଆ ସରପଞ୍ଚ ଶିବ ପ୍ରସାଦ, ନୟାଗଡ଼ ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ, ଚଣ୍ଡୀବସ୍ତ ସରପଞ୍ଚ ରବୀନ୍ଦ୍ର କୁମାର, ହରିହର ସାହୁ, ନାରଣ ପ୍ରଧାନ, ପ୍ରଦୀପ ପଟ୍ଟନାୟକ, ବିମଳ ପଟ୍ଟନାୟକ ଓ ସରସ୍ୱତୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ପ୍ରତିଷ୍ଠା ହୋଇଥିବା ଶିରିଡିସାଇଙ୍କ ବିଗ୍ରହ।

# ଶ୍ରୀରଘୁନାଥଙ୍କ ପୀଠରେ ହରି-ହର ଭେଟ


ମନ୍ଦିର ପରିସରରେ ହରି-ହରଙ୍କୁ ଭେଟ କରାଯାଉଛି।

ଓଡଗାଁ, ୨୭।୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଶ୍ରୀରଘୁନାଥ ଜୀଉ ବିଜେ ଓଡ଼ଗାଁଙ୍କ ପୀଠରେ ଗୁରୁବାର ହରି-ହର ଭେଟ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଜାଗର ପରଦିନ ଏହି ଉତ୍ସବ ପାଳିତ ହେଉଥିବାବେଳେ ପ୍ରଭୁ ଶ୍ରୀରଘୁନାଥ ମା' ସୀତାଙ୍କ ସହିତ ଅନୁଜ ଲକ୍ଷ୍ମଣ ପାଟବସ୍ତ୍ର ଓ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ । ଏହି ବେଶକୁ ଶ୍ରଦ୍ଧାଳୁମାନେ ଗୁରୁବାର ଦର୍ଶନ କରିଥିଲେ।ସନ୍ଧ୍ୟାରେ ପ୍ରଭୁ ରଘୁନାଥଙ୍କ ଦୈନନ୍ଦିନ ନୀତି ସମାପନ ପରେ ଶ୍ରୀରଘୁନାଥ(ହରି)ଙ୍କ ଚଳନ୍ତି ପ୍ରତିମା ଓ ମନ୍ଦିର ବେଢାରେ ପୂଜିତ ରାମେଶ୍ୱର ମହାଦେବ (ହର)ଙ୍କ ବିଜେ ପ୍ରତିମାଙ୍କୁ ବିମାନରେ ଅଣାଯାଇ ସିଂହଦ୍ୱାର ନିକଟରେ ଭେଟକରାଇ ଚାଳି ମଣ୍ଡପରେ ଭୋଗ ଓ ଆଳତି ଲାଗି କରାଯାଇଥିଲା । ପରେ ହରି ଓ ହରଙ୍କୁ ଦୁଇଟି ସ୍ୱତନ୍ତ୍ର ବିମାନରେ ବସାଇ ରୋଷଣୀ ଜାଳି ଆତାସବାଜି ଫୁଟାଇ ଥାଟ,ପାଟ, ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ସିଂହଦ୍ୱାର ପ୍ରବେଶ ପୂର୍ବରୁ ରତ୍ନବେଦୀରେ ହରି ହର ଚଳନ୍ତି ପ୍ରତିମାଙ୍କ ନିକଟରେ ଏକାସାଙ୍ଗରେ କର୍ପୁର ଆଳତୀ ଓ ମହାଆଳତୀ ଲାଗି ହୋଇଥିଲେ। ଏହି ଅପୂର୍ବ ଦୃଶ୍ୟକୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ । ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର,ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ପରିଚ୍ଛା, ପାଳିଆ ସେବକ ବେଣୁଧର ନନ୍ଦ ଓ ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦୀପ୍ତିରଞ୍ଜନ


@ ହରନାରାୟଣ


@ ପ୍ରଶାନ୍ତ


@ ସୌମ୍ୟକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୁଖ୍ୟମନ୍ତ୍ରୀ ବସ୍‌ସେବା ବନ୍ଦ

ଖଣ୍ଡପଡ଼ା, ୨୭।୨
(ଅଜୟ କୁମାର ମହାରଣା)

ଭାପୁରରୁ ଖଣ୍ଡପଡା ଦେଇ ନୟାଗଡ଼ ସହରକୁ ଏକ ଶୀତତାପ ନିୟନ୍ତ୍ରୀତ ଲକ୍ଷ୍ମୀବସ୍ ଦୀର୍ଘ ଦିନ ଧରି ଯାତାୟତ କରୁଥିଲା। ଫଳରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳର ଜନସାଧାରଣ ଉକ୍ତ ବସ୍‌ରେ ସୁବିଧାରେ ଯାତାୟତ କରିପାରୁଥିଲେ। ମାତ୍ର ନୂଆ ସରକାର ଆସିବା ପରେ ଉକ୍ତ ବସ୍‌ସେବାର ନାମ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ ବସ୍‌ସେବା ହୋଇଥିଲା। ଉକ୍ତ ବସ୍ ଖଣ୍ଡପଡ଼ା ବସଷ୍ଟାଣ୍ଡ ପରିସରରେ ଗତ ୮ମାସ ହେବ ପଡି ରହିଛି। ଘରୋଇ ଯାତ୍ରୀବାହୀ ବସ୍ ମାଲିକଙ୍କ ଚାପରେ ଉକ୍ତ ବସ୍ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଆଉ ଯାତାୟାତ କରୁ ନ ଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ, ରାଜ୍ୟ ସଡ଼କ ପରିବହନ ନିଗମ ଦୃଷ୍ଟି ଦେବାକୁ ଦାବି ହେଉଛି। ପୂର୍ବପରି ଶୀତତାପ ନିୟନ୍ତ୍ରିତ ବସ୍ ଭାପୁର ଓ ନୟାଗଡ଼ ମଧ୍ୟରେ ଚଳାଚଳ କଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଖଣ୍ଡପଡ଼ାରେ ଏସ୍‌ଡିପିଓ ପଦବୀ ଖାଲି

ଖଣ୍ଡପଡ଼ା, ୨୭।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାରେ କାର୍ଯ୍ୟରତ ଏସ୍‌ଡିପିଓ ବିମଳ କୁମାର ବାରିକଙ୍କ ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ ଆଉ କେହି ଅଧିକାରୀ ସେଠାରେ ଅବସ୍ଥାପିତ ହୋଇ ନ ଥିବା ବେଳେ ନୟାଗଡ ଡ଼ିଆଇବି ଡିଏସ୍‌ପି ଦିନେଶ ଚନ୍ଦ୍ର ନାଏକ ଖଣ୍ଡପଡା ଏସ୍‌ଡିପିଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଖଣ୍ଡପଡ଼ା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଅଧୀନରେ ଫତେଗଡ, ଗଣିଆ, ଭାପୁର ଓ ଖଣ୍ଡପଡା ଥାନା ସମେତ ଥାନା ଅଧୀନରେ ଫାଣ୍ଡିଗୁଡିକ ରହିଛି । ତେଣୁ ଖଣ୍ଡପଡ଼ା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏଥିପ୍ରତି ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ, ପୋଲିସ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଡିଜିଟାଲ ଆର୍ଥିକ ସାକ୍ଷରତା, ଅନ୍ତର୍ଭୁକ୍ତିକରଣ ସଚେତନତା ଶିବିର

ଗଣିଆ, ୨୭।୨ (ସନ୍ତୋଷ କୁମାର ପ୍ରଧାନ)

ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ନାବାର୍ଡ ସହାୟତାରେ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ଆମ ବ୍ୟାଙ୍କ କାର୍ଯ୍ୟାଳୟ ପରିସରରେ ଗୁରବାର ଗ୍ରାମାଞ୍ଚଳରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଡିଜିଟାଲ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଖୋର୍ଦ୍ଧା ଏଫ୍‌ଆଇ ମ୍ୟାନେଜର ରବି ନାରାୟଣ ରଥ, ସରିଗଣ୍ଡା ଶାଖା ପରିଚାଳକ ସୁଧାକର ଗଇଗୋରିଆ, ଏଫ୍‌ଏଲ୍‌ସି ରବି ନାରାୟଣ ସେଠୀ, ଛାମୁଣ୍ଡିଆ ସରପଞ୍ଚ ଦିପ୍ତୀରେଖା ସେନାପତି , ପଇସାଲୋ ନୟାଗଡ଼ ବିସି ବିପିନ ବିହାରୀ ସାହୁ , ଛାମୁଣ୍ଡିଆ ପଞ୍ଚାୟତ ଏମ୍‌ବିକେ ସୁଚିସ୍ମିତା ସାହୁ ଓ ମହିଳା ମହାସଂଘ ସଭାନେତ୍ରୀ ଅନୁସୂୟା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ଛାମୁଣ୍ଡିଆ ପଞ୍ଚାୟତରେ ଗତ ବର୍ଷ ଖୋଲାଯାଇଥିବା ଆମ ବ୍ୟାଙ୍କର ୧ବର୍ଷ ପୂର୍ତ୍ତି ଅବସରରେ ଉପସ୍ଥିତ ଅତିଥି ଓ ଗ୍ରାହକମାନେ କେକ୍ କାଟିଥିଲେ। ୧ବର୍ଷ ମଧ୍ୟରେ ଏହି ପଞ୍ଚାୟତରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ୫ଶହରୁ ଊର୍ଦ୍ଧ୍ୱ ନୂତନ ଜମା ଓ ଜନଧନ ଖାତା ଖୋଲିଥିବା ବେଳେ ପ୍ରଥମ କରି ଖାତା ଖୋଲିଥିବା ଛାମୁଣ୍ଡିଆ ଗ୍ରାମର ହେମନ୍ତ କୁମାର ମାଝୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସରକାର ଗ୍ରାମମାଞ୍ଚଳର ଆମ ବ୍ୟାଙ୍କ ଖୋଲି ଲୋକଙ୍କ ହାତ ପାହାନ୍ତରେ ବ୍ୟାଙ୍କ ସେବା ଯୋଗାଇଦେବା ଆରମ୍ଭ କରିଛନ୍ତି। ବ୍ୟାଙ୍କଗୁଡିକରେ ଧାଡିବାନ୍ଧି ଛିଡା ନ ହୋଇ ଆଧାର ସଂଯୋଗଗୀକରଣ ଟିପ ଚିହ୍ନ ମାଧ୍ୟମରେ ନଗଦ ଜମା ଓ ଉଠାଣ କରିବା ଉପରେ ଲୋକଙ୍କୁ ବୁଝାଇଥିଲେ। ସେହିପରି ଲୋକମାନେ ବ୍ୟାଙ୍କ ମାଧ୍ୟମରେ କିଭଳି କମ୍ ଅର୍ଥରେ ବୀମା ଅର୍ଥରାଶୀ ଜମା କରି ଭବିଷ୍ୟତରେ ଦୁର୍ଘଟଣା ସହାୟତା କିମ୍ବା ପେନସନ ପାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳରେ ଖୋଲାଯାଇଥିବା ଆମ ବ୍ୟାଙ୍କ ମାଧ୍ୟମରେ କିଭଳି ଜନସାଧାରଣ ସୁବିଧାରେ ବ୍ୟାଙ୍କ ସେବା ପାଇବା ସହ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ସହଜରେ ଋଣ ପାଇପାରିବେ , ଏଟିଏମ୍‌ର ବ୍ୟବହାର , ଅନ୍‌ଲାଇନ ଠକେଇରୁ ଦୂରେଇ ରହିବା ସହ ବ୍ୟାଙ୍କିଙ୍ଗ୍ ସମ୍ପର୍କୀତ ବିଭିନ୍ନ ପ୍ରସଙ୍ଗରେ ଅତିଥିମାନେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ପଞ୍ଚାୟତର ବିଭିନ୍ନ ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କମଳ ଲୋଚନ ଦଳେଇ ପରିଚାଳନା କରିଥିଲେ।

# ଓଡ଼ଗାଁ ଡାକ୍ତରଖାନା ସମ୍ମୁଖରେ ଉଠା ଦୋକାନୀଙ୍କ ଭିଡ଼

- ରୋଗୀ ଓ ସମ୍ପର୍କୀୟଙ୍କ ଗାଡି ପାର୍କିଂରେ ସମସ୍ୟା
- ଆମ୍ବୁଲାନ୍ସ ଯାତାୟାତରେ ଅସୁବିଧା
- ଦୂଷିତ ପରିବେଶରେ ବିକ୍ରି ହେଉଛି ଗୁପଚୁପ୍, ଦହିବରା


ଡାକ୍ତରଖାନା ସମ୍ମୁଖରେ ଉଠାଦୋକାନୀ।

ଓଡ଼ଗାଁ, ୨୭।୨ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଂଲଗ୍ନ ମୁଖ୍ୟଫାଟକର ଉଭୟପାର୍ଶ୍ୱକୁ ଫଳ, ଗୁପଚୁପ, ଦହିବରା ଓ ଜଳଖିଆ ବ୍ୟବସାୟୀମାନେ ଅକ୍ତିଆର କରିଛନ୍ତି। ଫଳରେ ସେଠାରେ ପାର୍କିଂ ସମସ୍ୟା ସୃଷ୍ଟି ହେଉଛି। ପ୍ରତିଦିନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ସେମାନଙ୍କ ସହ ଆସୁଥିବା ସମ୍ପର୍କୀୟମାନେ ଯାନବାହାନ ପାର୍କିଂ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବାଇକ୍, ସ୍କୁଟର ପାର୍କିଂ କରିବା ପାଇଁ ସ୍ଥାନ ମିଳୁ ନାହିଁ। ଆମ୍ବୁଲାନ୍ସ ଡାକ୍ତରଖାନା ଭିତରକୁ ଯିବା ଓ ବାହାରିବାରେ ବି ସମସ୍ୟା ସୃଷ୍ଟି ହେଉଛି। ଡାକ୍ତରଖାନା ଭିତରେ ନୂତନ କୋଠା ନିର୍ମାଣ ହେବା ପରେ ସେଠାରେ ବି ଗାଡ଼ି ପାର୍କିଂ ବ୍ୟବସ୍ଥା ନାହିଁ। ଏପରି ସ୍ଥଳେ ଡାକ୍ତରଖାନା ମୁଖ୍ୟ ଫାଟକର ବାମ ପାର୍ଶ୍ୱରେ ୨ ଫଳ ବ୍ୟବସାୟୀ ନିଜର ଲମ୍ବା ପସରା ମେଲାଇଛନ୍ତି। ସେହିପରି ମୁଖ୍ୟ ଫାଟକର ଡାହାଣ ପାର୍ଶ୍ୱରେ କେତେଜଣ ଦୋକାନୀ ଅନୁରୂପ ଢଙ୍ଗରେ ସ୍ଥାନ ଅକ୍ତିଆର କରିଛନ୍ତି। ଡାକ୍ତରଖାନା ଶବ ବ୍ୟବଚ୍ଛେଦ ଗୃହ ଫାଟକ ସଂଲଗ୍ନ ତଥା ଏନ୍‌ଏସି ଶୌଚାଳୟ ସାମ୍ନାରେ ଅତ୍ୟନ୍ତ ଦୂଷିତ ପରିବେଶରେ ଗୁପଚୁପ ଓ ଦହିବରା ବିକ୍ରି ହେଉଛି। ଏଥିଯୋଗୁ ଶୌଚାଳୟ ରାସ୍ତା ଏକ ପ୍ରକାର ଅବରୋଧ ହୋଇଛି। ମହିଳା ପୁରୁଷ କିମ୍ବା ଛାତ୍ରୀଛାତ୍ର ଶୌଚାଳୟ ଯିବାକୁ ରାସ୍ତା ପାଉନାହାନ୍ତି। ଏସବୁ କାରଣରୁ ଡାକ୍ତରଖାନା କିମ୍ବା ସ୍ଥାନୀୟ ବଜାରକୁ ଆସୁଥିବା ଲୋକମାନେ ଗାଡ଼ି ରଖିବାକୁ ସ୍ଥାନ ପାଉନାହାନ୍ତି। ଏପରି କି ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା 'ମୋ ପ୍ରିୟ ଓଡ଼ଗାଁ' ସାମ୍ନାରେ ମଧ ଠେଲାଗାଡ଼ି ବ୍ୟବସାୟୀମାନେ ନିଜର ବେପାର କରୁଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେବା ପରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ସେହି ସ୍ଥାନକୁ ନୋ ଭେଣ୍ଡିଂ ଜୋନ୍ ଘୋଷଣା କରି ଲିଫ୍‌ଲେଟ ମାରିଥିଲେ। ସେଠାରେ ଠେଲା ଲଗାଉଥିବା ବ୍ୟବସାୟୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ହେଲେ କିଛିଦିନ ପରେ ସେଠାରେ ଉପରୋକ୍ତ ବ୍ୟବସାୟୀମାନେ ଭିଡ଼ ଜମାଇଛନ୍ତି। ଏପରିକି କୌଣସି ବ୍ୟକ୍ତି ଠେଲା ଦୋକାନ ସାମ୍ନାରେ ବାଇକ୍ କିମ୍ବା ଗାଡ଼ି ରଖିଲେ ସମ୍ପୃକ୍ତ ବ୍ୟବସାୟୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱରେ ଥିବା ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ନିଳାଞ୍ଜନ ଦାସଙ୍କୁ ପଚାରିବାରେ ଏନେଇ ଏନ୍‌ଏସି ଓ ପୋଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିବେ ବୋଲି କହିଛନ୍ତି।

